୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.33 Bhubaneswar Friday March 08 2024 | ୨୬ତମ ବର୍ଷ ସଂଖ୍ୟା-୩୩ ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୦୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS













# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।



## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।



## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।



## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# "ଉତ୍ର" ତରଫରୁ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀରେ ନୂତନ ବସ୍ତ୍ର ବଂଟନ



ଭୁବନେଶ୍ୱର (ପିଏନ୍): ଓଡିଆ ସିନେ ଜଗତର ବର୍ଷିଆନ ଲୋକପ୍ରିୟ ଅଭିନେତ୍ରୀ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନ ଅକ୍ଟୋବର ୧ । ସେହି ଦିନକୁ ମନେରିଖିବା ପାଇଁ ଆଜି "ଉତ୍ର ଚାରିଟେବୁଲ୍ ଟ୍ରଷ୍ଟ"ର ପରାମର୍ଶଦାତା ତଥା "ମୋ କଲେଜ" ଅଧକ୍ଷ (ଓଡିଶା ସରକାର) ଆକାଶ ଦାସନାୟକଙ୍କ ନେତୃତ୍ୱରେ "ଉତ୍ର" ତରଫରୁ ଭୁବନେଶ୍ୱର ମହାନଗର ନିଗମ, ୱାର୍ଡ ନଂ-୮ (ଚନ୍ଦ୍ରଶେଖରପୁର) ସ୍ଥିତ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀ "ଜାତୀୟ ସହରାଂଚଳ ଜୀବିକା ମିଶନ୍"ର ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଆଶ୍ରୟସ୍ଥଳୀର ଅନ୍ତେବାସୀଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ "ଉତ୍ର ଚାରିଟେବୁଲ ଟ୍ରଷ୍ଟ"ର ଏହା ଥିଲା ଏକ ନିଆରା ପ୍ରୟାସ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନକୁ ମନେ ପକାଇବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନପୂର୍ବକ ସ୍ମୃତିଚାରଣ କରିଥିଲେ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ବସ୍ତ୍ର ବଂଟନ କାର୍ଯ୍ୟକ୍ରମରେ "ଉତ୍ର ଚାରିଟେବୁଲ ଟ୍ରଷ୍ଟ"ର ପରାମର୍ଶଦାତା ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ସତ୍ୟ ସୁମନ, ଅସିତ୍ ସାହୁ, କିଶୋର ଦାସ, ଭାଗ୍ୟଧର ସାମଲ, ସଂଘମିତ୍ରା ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା



ଭୁବନେଶ୍ୱର (ପିଏନ୍)- ପୂର୍ବତନ ସାଂସଦ ତଥା ସର୍ବପ୍ରଥମ ଜାତୀୟ ମହିଳା କମିଶନର ଅଧକ୍ଷା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଆଉ ନାହାନ୍ତି। ତାଙ୍କ ମରଶରୀର କଂଗ୍ରେସ ଭବନକୁ ଅଣାଯାଇଥିଲା। ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ତାଙ୍କ ମରଶରୀରରେ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। କଂଗ୍ରେସ ନେତୃବୃନ୍ଦଙ୍କ ସମେତ ସିପିଏମର ରାଜ୍ୟ ନେତୃବୃନ୍ଦ ଶ୍ରୀ ଅଳିକେଶ୍ୱର ପଟ୍ଟନାୟକ, ସୁରେଶ ପାଣିଗ୍ରାହି ମଧ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହାପରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ଓ ଆତ୍ମାର ସଦଗତି ନିମର୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଶରତ ପଟ୍ଟନାୟକ ଶୋକପ୍ରସ୍ତାବ ଆଗତ କରିଥିଲେ ଓ ପ୍ରାକ୍ତନ ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ଏହି ଶୋକପ୍ରସ୍ତାବକୁ ସମର୍ଥନ କରି ଜୟନ୍ତୀ ପଟ୍ଟନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସି ଏକ ରାଜନୈତିକ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜୀବନ ଯାତ୍ରାରେ ସହଯୋଗ ଦେବା ବିଷୟରେ ବର୍ଣ୍ଣନା କରିଥିଲେ। ଜଣେ ସୁଲେଖିକା ଏବଂ ସାମ୍ବାଦିକ ଭାବରେ ତାଙ୍କର ଖ୍ୟାତି ସଂପର୍କରେ ସୂଚନା ଦେଇଥିଲେ। ସେ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣ, ନାରୀ ଅଧିକାରର ଜଣେ ବଳିଷ୍ଠ ପ୍ରହରି ଭାବେ କାର୍ଯ୍ୟକରିଥିବା ବର୍ଣ୍ଣନା କରିଥିଲେ। ତାଙ୍କର ଜୀବନକାଳ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ନାରୀ ସଶକ୍ତିକରଣର ଏକ ଋଦ୍ଧିମନ୍ତ ଅଧ୍ୟାୟ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଂଜନ ପଟ୍ଟନାୟକ, ପଂଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠୀର ଜେନା, ଶରତ ରାଉତ, ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସୁରେଶ କୁମାର ମହାପାତ୍ର, ଦେବାଶିଷ ପଟ୍ଟନାୟକ କିଶୋର ଜେନା, ବିଭୁତି ମିଶ୍ର, ସ୍ମୃତିରଂଜନ ଲେଙ୍କା, ବନ୍ଦିତା ପରିଡ଼ା, ନକୁଳ ନାୟକ, ଅମୀୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାଶ, ଜୟନ୍ତ ମହାନ୍ତି, ବିସ୍ମୟ ମହାପାତ୍ର, ବିଶ୍ୱଜିତ ଦାଶ, ମାନସ ଚୌଧୁରୀ, ବାଙ୍କନିଧି ବେହେରା, ଅଶୋକ ଦାସ, ସୁଶାନ୍ତ ତ୍ରିପାଠୀ, ଲିଙ୍ଗରାଜ ସାହୁ, ରଜନୀ ମହାନ୍ତି, ଜ୍ଞାନ ପଟ୍ଟନାୟକ, ରସିକ ପଟ୍ଟନାୟକ, ସମ୍ଭୁ ପାଣିଗ୍ରାହୀ, ସନ୍ଧ୍ୟା ମହାପାତ୍ର, ସ୍ୱାଧୀନବାଳା ଦାସ, ପ୍ରଣତି ମିଶ୍ର, ଶ୍ରୀୟାସ୍ମିତା ପଣ୍ଡା, ପୁଷ୍ପିତା ଦାଶ, କୁସୁମ ପ୍ରଧାନ, ସତ୍ୟବ୍ରତ ନାୟକ, ସୁବ୍ରତ ମହାପାତ୍ର, ସତ୍ୟସ୍ମିତ ମର୍ହି, ଗିରିବାଳା ବେହେରା, ଅଭିଷେକ ରାଉତ, ମଧୁସ୍ମିତା ପଣ୍ଡା, ମଧୁମିତା ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ମହମ୍ମଦ ସାହାଦୁଲ୍ଲା, ସଂକୁନା କହଁର, ଭାସ୍କର ସେଠୀ, ଦୀପକ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ତରୁଣ ମିଶ୍ର, ଦେବେନ୍ଦ୍ର ପ୍ରସାଦ ଦାସ, ମିହିର ଆଚାର୍ଯ୍ୟ, ଗୀତାଳି ମର୍ହି, ଶୈଳେନ୍ଦୁ ମଜୁମଦାର, ଦୀପକ ମହାପାତ୍ର, କୁଳମଣି ସାହୁ, ଜମ୍ୱେଶ୍ୱର ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ତୁଷାରକାଂ ବେହେରା, ତାପସ ସେଠୀ, ମୀନକେତନ ବେହେରା, ନିରୋଜ ଲୋଚନ ଦାସ, ନଳିନୀକାନ୍ତ ନାୟକ, ସୁବାଷ ପ୍ରଧାନ, ପ୍ରଭାତ ପ୍ରତାପ ସିଂ, ଆତ୍ମାରାମ ପତି, ଉମେଶ ଚନ୍ଦ୍ର ଦାସ, ରାଜକିଶୋର ଦାଶ, ଗୋକୁଳାନନ୍ଦ ମହାପାତ୍ର ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ସାଂସଦ ସ୍ୱର୍ଗୀୟା ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଗତ ତା- ୨୯.୯.୨୨ରିଖରେ ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସ୍ୱର୍ଗୀୟା ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ସ୍ୱର୍ଗୀୟ ପଟ୍ଟନାୟକ ଗାମ ଜିଲ୍ଲାର ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମ ଗ୍ରହଣ କରି ପରବର୍ତ୍ତୀ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଧର୍ମିଣୀ ହେଲା ପରେ ରାଜ୍ୟ କଂଗ୍ରେସ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବାରମ୍ୱାର ସାଂସଦ ଭାବେ ନିର୍ବାଚିତ ହେବା ସହିତ ଜାତୀୟ ମହିଳା କମିଶନର ସେ ପ୍ରଥମ ଅଧକ୍ଷା ଭାବେ ନିଯୁକ୍ତି ପାଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଜାତୀୟ ମହିଳା କଂଗ୍ରେସର ମଧ ସଭାନେତ୍ରୀ ଦାୟିତ୍ୱ ବେଶ୍ ସଫଳତାର ସହ ନିର୍ବାହ କରିଥିଲେ । ରାଜନୀତି ବ୍ୟତୀତ ସାହିତ୍ୟ, ସମାଜସେବାରେ ମଧ ସ୍ୱର୍ଗୀୟା ପଟ୍ଟନାୟକଙ୍କର ବିଶେଷ ଦଖଲ ଥିଲା ବୋଲି ବକ୍ତାମାନେ ପ୍ରକାଶ କରି ତାଙ୍କ ବିୟୋଗ କଂଗ୍ରେସ ଦଳ ସମେତ ସମଗ୍ର ଓଡିଶା ପାଇଁ ଏକ ବିଶେଷ କ୍ଷତି ବୋଲି କହିଥିଲେ । ସ୍ୱର୍ଗୀୟା ପଟ୍ଟନାୟକ ତାଙ୍କ ରାଜନୈତିକ ଜୀବନ କାଳରେ ଯୁବ ଓ ଛାତ୍ରମାନଙ୍କୁ ଯେଉଁଭଳି ସ୍ନେହ ଆଦର ଦେଇ ଆଗକୁ ବଢିବାର ସାହସ ଯୋଗାଉଥିଲେ ତାହା ବହୁ କମ୍ ରାଜନେତାଙ୍କ ନିକଟରେ ଦେଖିବାକୁ ମିଳେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ତେଣୁ ତାଙ୍କର ନୀତି ଓ ଆଦର୍ଶ ରାଜ୍ୟକୁ ଆଗେଇ ନେବା ସହିତ ମହିଳାଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସେଥିରେ ଅନୁପ୍ରାଣୀତ ହୋଇ ଆମେ ସମସ୍ତେ କାର୍ଯ୍ୟ କଲେ ତାହା ତାଙ୍କ ପ୍ରତି ସବୁଠାରୁ ବଡ ଶ୍ରଦ୍ଧାଳି ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗୀୟା ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମର୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦିକା ତୁଳସୀ ନାଗ, ରାଜ୍ୟ ମହିଳା ସମ୍ପାଦିକା ଲତା ନାୟକ, ବ୍ଲକ୍ ସଭାପତି ବିଜୟ ଆପଟ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ ପ୍ରମୁଖ ମଧ ଉପସ୍ଥିତ ରହି ସ୍ୱର୍ଗୀୟା ପଟ୍ଟନାୟକଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଉପାସ୍ୟଙ୍କ ପୂଣ୍ୟବ୍ରତ ବନାମ ଶାନ୍ତିର ପୁରୋହିତ

ବିପିନବିହାରୀ ମହାନ୍ତି

**ଗାନ୍ଧିଜୀ: ଉପାସ୍ୟଙ୍କ ପୂଣ୍ୟବ୍ରତ-**

ଗାନ୍ଧିଜୀ, ଜାତିର ପିତା, ସବୁରି ତୁଣ୍ଡରେ 'ବାପୁ' ଯାହାଙ୍କର ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାରେ ତଥା ବିନା ରକ୍ତପାତରେ ସ୍ୱାଧୀନତା ଆଣିବାରେ ପଟ୍ଟାନ୍ତର ନାହିଁ, ଯିଏ ନିଜ ପାଇଁ ରଚି ଯାଇଛନ୍ତି ଇତିହାସ ଏବଂ ନିଜେ ଜଣେ ଦେଶ ଓ ବିଶ୍ୱ ପାଇଁ କିମ୍ବଦନ୍ତୀ ପୁରୁଷ, ସିଏ ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋର ବନ୍ଦର ଠାରେ ଜନ୍ମ ହୋଇଥିଲେ। ତାଙ୍କର ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଏବଂ ମାତାଙ୍କ ନାମ ପୁତୁଲୀ ବାଇ ଏବଂ ତାଙ୍କ ନିଜର ପୂରାନାମ ମୋହନ ଦାସ କମରଚାନ୍ଦ ଗାନ୍ଧୀ; କିନ୍ତୁ ତାଙ୍କର ବିଶ୍ୱବ୍ୟାପି କାର୍ଯ୍ୟ କୁଶଳତା ତଥା ବ୍ୟକ୍ତିତ୍ୱ ପାଇଁ ସାର୍ବଜନୀନ ଏବଂ ସାଧାରଣ ଭାବରେ "ମହାତ୍ମାଗାନ୍ଧି" ଭାବେ ବିଶ୍ୱରେ ସମ୍ବୋଦ୍ଧିତ ଓ ପରିଚିତ ହୋଇଛନ୍ତି।

'ଗାନ୍ଧିଜୀଙ୍କର ଅହିଂସା' ଏବଂ 'ସତ୍ୟ'ର ଦର୍ଶନତତ୍ୱ ଉପରେ ଗଭୀର ବିଶ୍ୱାସ ଥିଲା। ସେହି ଦୁଇଟିକୁ ଆଧାର କରି ଯେଉଁ ଆନ୍ଦୋଳନ ସେ ଭାରତର ସ୍ୱାଧୀନତା କ୍ଷେତ୍ରରେ ଚଳାଇଥିଲେ, ତାକୁ ସତ୍ୟାଗ୍ରହ କୁହାଯାଏ। ତାଙ୍କ ବିଶ୍ୱାସରେ ସତ୍ୟ ଏବଂ ଅହିଂସା ଏକମାତ୍ର ବିଶ୍ୱଶାନ୍ତିର ଆଧାର। ସତ୍ୟ ଓ ଅହିଂସା ତାଙ୍କ ମତରେ କହିବା ସହଜ ହୋଇପାରେ; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ବହୁତ କଠିନ। ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର ଏବଂ ଶେଷରେ ସତ୍ୟ ଓ ଅହିଂସାର ହିଁ ଜୟ ହୋଇଥାଏ। ଏହା ସମସ୍ତ ଶକ୍ତିଶାଳୀ ଅସ୍ତ୍ରମାନଙ୍କ ମଧ୍ୟରେ ମହାଶକ୍ତିଶାଳୀ। ବିଶ୍ୱର ମଙ୍ଗଳାର୍ଥେ ଏହା ହିଁ ଏକ ନୂତନ ଆବିଷ୍କାରର ପବିତ୍ର ଶାନ୍ତିର ଅସ୍ତ୍ର। ଏଣୁ ଯିଶୁଙ୍କ ପରି ଶାନ୍ତିର ବାର୍ତ୍ତା ଧରି ସେ ପଦାର୍ପଣ କରିଥିଲେ ଏହି ଭାରତ ଭୂଖଣ୍ଡରେ ଏବଂ ବିଶ୍ୱଶାନ୍ତି ପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ପ୍ରାଣବଳି ଦେଲାପରି ସେ ମଧ୍ୟ ଆତତାୟୀର ଗୁଳିଚୋଟରେ ଚିରଶାନ୍ତି ଲଭିଲେ। ଏକଦା ସେ କହିଥିଲେ: ଏମିତି ଜଣେ ପବିତ୍ର ବ୍ୟକ୍ତିତ୍ୱ କେହି ନାହିଁ ଯିଏ ନିଜ ଜୀବନର ମୂଲ୍ୟବାନ ସଂପଦ-ଜୀବନକୁ ଦେବାରେ କୁଣ୍ଠାବୋଧ କରେନାହିଁ। ମୋର ବିଶ୍ୱାସ ଏବଂ ପ୍ରାର୍ଥନା ଯେ ମୋ ପାଖରେ ସେ ପବିତ୍ରତାକୁ ପ୍ରମାଣ କରିବାରେ ଅବସାଦ ବି ନାହିଁ । (No man if he is pure has anything and precious to give than his life. I hope and pray that I have the purity in me to justify the step). ସେ ଏକଥା ମଧ ଜୀବନରେ ପ୍ରମାଣ କରାଇଦେଲେ।

ମହତ୍ମା ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିବା ଏକ ବଡ କଠିନ ବ୍ୟାପାର। ଏଇଟା ଯେମିତି ଗୋଟାଏ ପୃଥିବୀକୁ ହାତ ପାପୁଲିରେ ଧରିବା ସଦୃଶ ହେବ। ତେବେ ସଂକ୍ଷେପରେ ଏତିକିରେ କୁହାଯାଇପାରେ ସେ ଜଣେ ସଂପୂର୍ଣ୍ଣ ପବିତ୍ର ବ୍ୟକ୍ତିତ୍ୱ ଯାହାର ଜୀବନ ଭବିଷ୍ୟତ ବିଶ୍ୱ ପାଇଁ ଏକ ବାର୍ତ୍ତା, ଯାହାର ଚିନ୍ତାଧାରା ଆମ ପାଇଁ ମହାନଶିକ୍ଷା, ଯାହାର ଆଦର୍ଶ ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ ନାୟକତ୍ୱର ଊର୍ଦ୍ଧ୍ୱରେ, ଯାହାର କାର୍ଯ୍ୟାବଳୀ ସର୍ବଦା ଅବିସ୍ମରଣୀୟ, ଯାହାର ସାହସିକତା ଓ ଦେଶପ୍ରେମ ସର୍ବୋପରି ସର୍ବୋପମ। ପୃଥିବୀରେ ଶୃଙ୍ଖଳ, ଦୁର୍ବଳ, ଚିର ଦଳିତ ଏବଂ ଅବହେଳିତ ବ୍ୟକ୍ତିଙ୍କର ମୁକ୍ତି ଓ ଶାନ୍ତି ପାଇଁ, ସେ ନିଜେ ଜୀବନରେ କାର୍ଯ୍ୟତଃ ପ୍ରମାଣିତ କରି ଯାଇଛନ୍ତି। ସେ ଜଣେ ମୁକ୍ତିମଶାଲଧାରୀ ଶାନ୍ତିର ପୁରୋହିତ।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ୨ ଅକ୍ଟୋବରକୁ ଭାରତରେ ଛୁଟିଦିବସ ରୂପେ ପାଳିତହୁଏ। ଏହି ଦିନ ନାନା ଭାଷଣ, ପ୍ରତିଯୋଗିତା, ଦୂରଦର୍ଶନ, ଆକାଶବାଣୀ ତଥା କଳାକାର ଏବଂ ବାଲୁକାଶିଳ୍ପୀମାନଙ୍କ ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟବୋଧ ସୃଷ୍ଟିମାନଙ୍କ ମାଧ୍ୟମରେ ଗାନ୍ଧି ବାର୍ତ୍ତା ଓ କାର୍ଯ୍ୟ ପ୍ରତିଫଳନ କରାଯାଏ।

ଗାନ୍ଧି ଜୟନ୍ତୀ ୨ ଅକ୍ଟୋବରକୁ ଆନ୍ତର୍ଜାତିକ ସ୍ତରରେ "ଅହିଂସା" (Non-Violence) ଦିବସ ରୂପେ ପାଳିତ ହୁଏ। ଗାନ୍ଧିଙ୍କ ପ୍ରତି ବିଶ୍ୱବାସୀଙ୍କର ଏହା ହିଁ ଭକ୍ତି ଓ ଶ୍ରଦ୍ଧାର ଉପହାର।

**ଆମ ଶାସ୍ତ୍ରୀଜୀ: ଶାନ୍ତିର କପୋତ-**

୨ ଅକ୍ଟୋବରକୁ ଗାନ୍ଧିଜୟନ୍ତୀ ହିସାବରେ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପାଳନ କରାଯାଏ। କିନ୍ତୁ ଏଇ ଭାରତରେ ଆଉ ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯାହାଙ୍କ ଜନ୍ମତିଥି ମଧ୍ୟ ଏହି ଦିନ ପାଳିତ ହୁଏ। ସେ ହେଉଛନ୍ତି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ସଂକ୍ଷେପରେ ଶାସ୍ତ୍ରୀଜୀ ଯିଏକି ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ। ସେ ଜଣେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଯିଏ କି ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ନିଜ ପାରିବାରିକ ଜୀବନ ପ୍ରତି ଆଖି ବୁଜି ଦେଇଥିଲେ। ସେ ଭାରତର ଉନ୍ନତିକଳ୍ପେ ବହୁ ପ୍ରକାର କାର୍ଯ୍ୟମାନ କରିଯାଇଛନ୍ତି। ସେ ଜଣେ ସଂପୂର୍ଣ୍ଣ ମାନବବାଦୀ ବ୍ୟକ୍ତିତ୍ୱ ଯିଏକି ମଣିଷକୁ କେବଳ ଗୋଟିଏ ମଣିଷ ଜାତି ହିସାବରେ ଦେଖୁଥିଲେ। ସେ ଥିଲେ ସକଳ ଜାତି-ଧର୍ମ ଏବଂ ସଂପ୍ରଦାୟର ଊର୍ଦ୍ଧ୍ୱରେ। ଏଇଥିପାଇଁ ସେ ତାଙ୍କର ସାଙ୍ଗିଆ ବା ସରନେମ 'ଶ୍ରୀବାସ୍ତବ'କୁ କାଟିଦେଇଥିଲେ। କାରଣ ଏହା ଏକ ଜାତିର ପ୍ରତୀକ ଥିଲା ଏବଂ ସେ ଏହାକୁ ଘୃଣା କରୁଥିଲେ। ଲାଲ ବାହାଦୂରଙ୍କର ଜନ୍ମ ୨ ଅକ୍ଟୋବର ୧୯୦୪ ମସିହାରେ ହୋଇଥିଲା। ତାଙ୍କ ପିତା ଓ ମାତାଙ୍କ ନାମ ଯଥାକ୍ରମେ ଶାରଦା ପ୍ରସାଦ ଏବଂ ରାମଦୁଲାଲୀ ଦେବୀ। ତାଙ୍କ ପିତା ଜଣେ ଶିକ୍ଷକ ଥିଲେ। ଦୁଃଖ ଯେ ତାଙ୍କୁ ଦେଢବର୍ଷ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କ ମା'ଲାଲବାହାଦୁରଙ୍କୁ ଧରି ନିଜ ପିତାଘରକୁ ଚାଲିଗଲେ। ସେଠାରେ ତାଙ୍କର ପ୍ରାଥମିକ ଓ ମାଧମିକ ଶିକ୍ଷାପରେ, ସେ ବାରଣାସୀ ଯାଇ କାଶୀ ବିଦ୍ୟାପୀଠରେ ପଢି ଶାସ୍ତ୍ରୀ ଉପାଧି ପାଇଥିଲେ। ଏହା ଏକ ଉଚ୍ଚ ଶିକ୍ଷାଗତ ଉପାଧି ଥିଲେ ହେଁ, ତାଙ୍କର ଜ୍ଞାନ ଓ ବୁଦ୍ଧିର ବିଚକ୍ଷଣତା କାରଣରୁ ଏହି ଉପାଧି ନାମରେ ସେ ସବୁଦିନ ପାଇଁ ପରିଚିତ ହୋଇଗଲେ। ଶାସ୍ତ୍ରୀଜୀ ଅର୍ଥ ଜ୍ଞାନୀ।

୧୯୧୫ ମସିହାରେ ଗାନ୍ଧିଙ୍କର ଏକ ଭାଷଣ ଶୁଣିବାରେ ତାଙ୍କୁ ସୁଯୋଗ ମିଳିଲା ଯାହା ତାଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ ନିମନ୍ତେ ଅନୁପ୍ରାଣିତ କଲା। ୧୯୨୧ ମସିହାରେ ସେ ଡେଫିୟାନସ୍ ଅଫ୍ ପ୍ରୋହିବିଟାରୀ ଅର୍ଡର ଶୋଭାଯାତ୍ରାରେ ଯୋଗଦେଇ ବନ୍ଦୀ ହେଲେ; କିନ୍ତୁ ନାବାଳକ ହେତୁ ତାଙ୍କୁ ମୁକ୍ତ କରାଗଲା। ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଅଢେଇବର୍ଷ କାଳ ଜେଲ ଯାଇଥିଲେ। ୧୯୪୦ରେ ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହକୁ ପୂର୍ଣ୍ଣ ସମର୍ଥନ ସାବ୍ୟସ୍ତ କଲେ ଏବଂ ପୁଣି ଜେଲ ଗଲେ। ପରେ ବ୍ରିଟିଶ ଭାରତ ଭାରତ ଛାଡ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରେତ୍ସାହନ ଯୋଗାଇ ୧୯୪୬ ଯାଏଁ ପୁନଶ୍ଚ ଜେଲ ଭୋଗ କଲେ।

ଜବାହାର ଲାଲ ନେହୁରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଭାରତର ପ୍ରଧାନମନ୍ତ୍ରୀ ପଦ ୯ ଜୁଲାଇ ୧୯୬୪ରେ ଗ୍ରହଣ କଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ବେଳେ ଭାରତର ପ୍ରଗତି ଓ ଉନ୍ନତି କାମନା କରି ସେ ସବୁଜ ବିପ୍ଳବ ଏବଂ ଶ୍ୱେତ ବିପ୍ଳବର ଆହ୍ୱାନ ଦେଇଥିଲେ। କୃଷି ଓ କୃଷକଙ୍କର ଉନ୍ନତି କାରଣାର୍ଥେ ତାଙ୍କର ସ୍ଲୋଗାନ ଥିଲା "ଜୟ କିଶାନ" ଏବଂ ସୈନିକମାନଙ୍କ ପାଇଁ ଥିଲା "ଜୟ ଜୱାନ"। ତାଙ୍କ ମତରେ ଦେଶର ନିରାପତ୍ତା ସୈନିକମାନଙ୍କ ହସ୍ତରେ ଏବଂ ଦେଶର ଅର୍ଥନୈତିକ ମେରୁଦଣ୍ଡ କୃଷକମାନଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ସେମାନେ ପ୍ରଥମେ ବନ୍ଦନୀୟ। ଏହାବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାମରେ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ।


ଶାସ୍ତ୍ରୀଜୀଙ୍କର ମୃତ୍ୟୁର କାରଣ ଏବେ ବି ଅନ୍ଧକାରାଚ୍ଛନ୍ନରେ ଅଛି। ଭାରତ ଓ ପାକିସ୍ଥାନ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧର ଅବସାନ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ସୋଭିଏତ ଦେଶର ପ୍ରଧାନମନ୍ତ୍ରୀ ଆଲେକ୍‌ସି କୋସିଜୀନଙ୍କ ମଧ୍ୟସ୍ଥତାରେ ଏକ ମୀମାଂସାଜନିତ ସୂତ୍ରପାତ ହେଲା ସୋଭିଏତର ତାସଖେଣ୍ଡରେ। ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ଆନନ୍ଦର ସହିତ ଯୋଗଦେଲେ। ପାକିସ୍ଥାନ ତରଫରୁ ଜେନେରାଲ ଆୟୁବ ଖାଁ ସେଥିରେ ଉପସ୍ଥିତ ଥିଲେ। ଅଳିଆ ତୁଟିଲା। ୧୦ ଜାନୁୟାରୀ ୧୯୬୬ ମସିହା ଦିନ ପାକିସ୍ଥାନର ଆୟୁବ ଖାଁ ଏବଂ ଆମ ଶାସ୍ତ୍ରୀଜୀ ଶାନ୍ତି ପ୍ରସ୍ତାବ ଉପରେ ଦସ୍ତଖତ କଲେ । ଏହି ସର୍ତ୍ତ ଅନୁସାରେ ଉଭୟ ଦେଶର ସୈନ୍ୟ ୨୫ ଜାନୁୟାରୀ ୧୯୬୬ ସୁଦ୍ଧା ନିଜ ନିଜର ପୂର୍ବସ୍ଥାନକୁ ଫେରିଯିବା କଥା। ଏ ସମ୍ବାଦରେ ଭାରତୀୟମାନେ ଅତି ଖୁସି ବା ଆନନ୍ଦିତ ହେଲେ। ୧୦ ଜାନୁୟାରୀ ୧୯୬୬ ରାତିକୁ ତାଙ୍କର ଛାତିରେ ଯନ୍ତ୍ରଣା ହେଲା। ୧୧ ଜାନୁୟାରୀ ସକାଳୁ ସକାଳୁ ତାଙ୍କର ଦେହାନ୍ତ ହେଲା। ଅନେକଙ୍କ ମତରେ ତାଙ୍କର ହୃଦ୍‌କ୍ରିୟାଜନିତ ମୃତ୍ୟୁ ହୋଇଛି, ଅଥଚ ଅନେକଙ୍କର ମତ ଯେ ତାଙ୍କୁ ବିଷ ପ୍ରୟୋଗ କରାଇ ମାରି ଦିଆଯାଇଛି। କାରଣ ତାଙ୍କର ମୃତଦେହଟି ସଂପୂର୍ଣ୍ଣ ନୀଳ ପାଲଟିଯାଇଥିଲା ଯାହାକି ବିଷ ପ୍ରୟୋଗର ଲକ୍ଷଣ। ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଏକ ରହସ୍ୟାବୃତ୍ତ ହୋଇ ରହିଯାଇଛି।

ଶାସ୍ତ୍ରୀଜୀ ତାଙ୍କ ମୃତ୍ୟୁ ପୂର୍ବରୁ ଯେତିକି ପ୍ରସାରିତ ଓ ପ୍ରଚାରିତ ହୋଇନଥିଲେ, ତାଙ୍କ ମୃତ୍ୟୁ ସେ କ'ଣ ବୋଲି ପ୍ରମାଣିତ କରିଦେଲା। ଭାରତର ଶୋକାକୁଳ ଜନତା ତାଙ୍କୁ ଦିଲ୍ଲୀର ଯେଉଁଠାରେ ଦାହ କଲେ, ତାହାର ନାମ ରଖିଲେ ବିଜୟ ଘାଟ। ଦେଶ ପାଇଁ ତାଙ୍କ ମୃତ୍ୟୁ ତାଙ୍କୁ ବିଜୟର ଟୀକା ପିନ୍ଧାଇ ଦେଇଛି, ଖାସ୍ ଏଇ ତାସଖେଣ୍ଟ ଚୁକ୍ତିରେ।

ନିଜ ସଂପର୍କରେ ସେ କହିଯାଇଛନ୍ତି: ମୁଁ ଶାସକ ନୁହେଁ, ମାତ୍ର ଜଣେ ସେବକ; ମୁଁ ଜଣେ ସାଧାରଣମାନଙ୍କ ମଧ୍ୟରେ ସାଧାରଣ।

ସତରେ ଶେଷଯାଏଁ-ସେ ହିଁ ସାଧାରଣ ଥିଲେ। ତାଙ୍କ କର୍ମ, ସେବା ତଥା ମହତପଣିଆ ପାଇଁ ସେ ସଦାକାଳେ ଆମ ପାଖେ ଥିବେ।

ଆଜିର ଜୟନ୍ତୀ ଅବସରରେ ଆସନ୍ତୁ, ଏହି ଦୁଇ ଭାରତୀୟ ମହାନ ବ୍ୟକ୍ତିଙ୍କ ପ୍ରତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା। ଏହା ହିଁ ସେମାନଙ୍କ ପ୍ରତି ଆମ୍ଭମାନଙ୍କର ଶ୍ରେଷ୍ଠ ସମ୍ମାନ ହେଉ !




# ଦୁର୍ନୀତି ବିରୁଦ୍ଧ ଲଢେଇ ପାଇଁ ସର୍ବେଶ୍ୱର ବେହୁରାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): ପରିବେଶ ସୁରକ୍ଷା ଓ ଦୁର୍ନିତି ବିରୁଦ୍ଧରେ ସଂଗ୍ରାମ ପାଇଁ ଜାତୀୟସ୍ତରୀୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ବିଭିନ୍ନ ସଙ୍ଗଠନ ଓ ବିଜେପି କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ ମଣ୍ଡପ ଠାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଚନ୍ଦ୍ରମଣି ପଣ୍ଡିତ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିରିଷ୍ଠ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ, ଶ୍ରମିକ ନେତା ନୃସିଂହ ମିଶ୍ର ଯୋଗଦେଇ ଶ୍ରୀ ବେହୁରା ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ହେଲା ଧର୍ମଶାଳା ତହସିଲ ଅଧିନରେ ଥିବା ବିଭିନ୍ନ ଖାଦାନ ଗୁଡ଼ିକରେ ହେଉଥିବା ବେଆଇନ ଉତୋଳନକୁ ପ୍ରଶାସନ ଉପରେ ଚାପ ପକାଇ ଚୋରା ଚାଲାଣ ଉପରେ ରୋକ ଲାଗାଇବା, ସରକାରଙ୍କ ବିଭିନ୍ନ ଯୋଜନାରେ ଦୁର୍ନିତି ହୋଇଥିବା ନେଇ ଓ ଏଥିରେ ସଂପୃକ୍ତି ଥିବା ଅଧିକାରୀ ମାନଙ୍କୁ କାଠଗଡ଼ାରେ ଛିଡ଼ାକରିବା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଗତ ବର୍ଷ ମାର୍ଚ୍ଚମାସ ୨୭ ତାରିଖରେ ତାଙ୍କ ଉପରକୁ ବୋମା ମାଡ଼ ହୋଇଥିଲା ଏଥିରେ ସେ ତିଳେମାତ୍ର ବ୍ୟତିବ୍ୟସ୍ତ ନହୋଇ ପୂର୍ବ ଭଳି ସେ ତାଙ୍କର ଦୁର୍ନିତି ବିରୁଦ୍ଧରେ ଲଢେଇ ଜାରି ରଖିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟ ଯେ ଶ୍ରୀ ବେହୁରା ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ତଥା କ୍ୟାପିଟାଲ୍ ଫାଉଣ୍ଡେସନ ସଦସ୍ୟ ଜଷ୍ଟିସ ମଦନ ବି. ଲୋକୁର, ଜଣାଶୁଣା ସାମାଜିକକର୍ମୀ ଅରୁଣା ରାୟ,ଅଳି ଭରଦ୍ୱାଜ,ନିଖିଲ୍ ଦେ ଓ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳାନେତ୍ରୀ ସାବିତ୍ରୀ ସାହୁ,ଜିଲ୍ଲା ପରିଷଦ ପ୍ରାର୍ଥୀ ଶରତ ଓଝା, ସରପଂଚ ବିପିନ ଓଝା, ଅଶୋକ ରାଉତ, ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାଜେଶ ଗୋଛାୟତ, ପ୍ରଭାତ ବରାଳ, ବୁଲୁ ଦାସ, ସୁଶାନ୍ତ କବି, ଦେବାଶିଷ କର, ପାର୍ବତି ବେହେରା ବଳରାମ ଦାସ, ସୁମିତ୍ରା ଦାସ ଓ ଅଂଜଳି ଘଡେଇ ପ୍ରମୁଖ କାର୍ଯ୍ୟକର୍ତା ସହଯୋଗ କରିଥିଲେ । ଶେଷରେ ଇଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ନାମ ବଦଳାଇବାକୁ ପ୍ରାକ୍ତନ ବିଧାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଧର୍ମଶାଳା (ପିଏନ୍): ୪୫ ଗୋଟି ପଂଚାୟତକୁ ନେଇ ଧର୍ମଶାଳା ପଂଚାୟତ ସମିତି ଗଠିତ ହୋଇଛି । ଏହି ନିର୍ବାଚନମଣ୍ଡଳୀର ନାମ ଧର୍ମଶାଳା ହୋଇଥିବା ବେଳେ ବ୍ଲକ, ତହସିଲ, ଥାନା, ସବରେଜିଷ୍ଟ୍ରାର ଅଫିସ, ଡାକ୍ତରଖାନା, ପୋଷ୍ଟ ଅଫିସ, ଧର୍ମଶାଳା ବାଣୀପୀଠ ଓ ସର୍ବପୁରାତନ ହାଟର ନାମ ଧର୍ମଶାଳା ରହିଛି । ପୁରାତନ ଜଗନ୍ନାଥ ସଡକ ପାର୍ଶ୍ୱରେ ଯାତ୍ରୀ ରହଣି ପାଇଁ ରାଣୀ ଅହଲ୍ୟାବାଇ ଏକ ଧର୍ମଶାଳା ନିର୍ମାଣ କରିଥିଲେ । ଏଠାରେ ଥିବା ଧର୍ମଶାଳା ଥାନା, ଡାକ୍ତରଖାନା ଓ ରାଣୀ ଅହଲ୍ୟାବାଇ ଧର୍ମଶାଳା ଚୋରମୁହାଁ ପଂଚାୟତ ଅଧିନରେ ରହିଛି । ସମୟକ୍ରମେ ନାମର ଅପଭ୍ରଂଶ ହୋଇ ପଂଚୟତ ଓ ଗ୍ରାମର ନାମ ଚୋରମୁହାଁ ହୋଇଛି । ଯାହାକି ପଂଚାୟତବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ତେବେ ଏବେ ଚାରିଆଡେ ବିଭିନ୍ନ ସ୍ଥାନର ନାମ ପରିବର୍ତନ କରାଯାଇ ନୂତନ ନାମରେ ନାମିତ ହେଉଛି । ସେହିଭଳି ଭାବେ ଚୋରମୁହାଁର ନାମ ବଦଳାଯାଇ ଧର୍ମଶାଳା କରିବାକୁ ପ୍ରାକ୍ତନ ବିଧାୟକ ତଥା ଧର୍ମଶାଳା ଖୋଜ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଚରଣ ଟିକାୟତ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି ।




ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୦୮

# ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି। ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର। ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି। ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ। ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣଙ୍କୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି। ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପ୍ରାଣର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ। ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହଙ୍କୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା। ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ। ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି। ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଲାଇ ଥାନ୍ତି। ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ। ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ)। ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ। ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ। ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିଚିତ୍ରରୂପ ପ୍ରକାଶିତ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ। ସାରା ସଂସାରର ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ। ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ। ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା। ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା। ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ। ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧ୍ୟେ ଗଙ୍ଗା, ଭାଳରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା। କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରିଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତି ରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧାନମଗ୍ନ ରହନ୍ତି। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି। ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ। ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି।

*ପିସି ସରକାର ଲେନ୍, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଶକ୍ତିର ଆଧାର ନାରୀ



ଜୟନ୍ତୀ ପଣ୍ଡା

ସମୟ ସହିତ ମହିଳାମାନେ ସମାଜ ଏବଂ ରାଷ୍ଟ୍ର ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛନ୍ତି। ନିଜ ଘର ଓ ପରିବାରରେ ସୀମିତ ରହିଥିବା ମହିଳା ଯେବେ ଚାରି କାନ୍ଥରୁ ବାହାରି ଆସିଲେ, ସେମାନେ ଅଦ୍ଭୁତ ସଫଳତା ପାଇବା ଆରମ୍ଭ କଲେ। କ୍ରୀଡା ଠାରୁ ଆରମ୍ଭ କରି ମନୋରଞ୍ଜନ ଏବଂ ରାଜନୀତି ଠାରୁ ସାମରିକ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ ମହିଳାମାନେ କେବଳ ଜଡିତ ନୁହଁନ୍ତି ବରଂ ଏକ ବଡ଼ ଭୂମିକା ମଧ୍ୟ ଗ୍ରହଣ କରିଛନ୍ତି।ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ବାସ୍ତବରେ ଅନ୍ତର୍ଜାତୀୟ ମହିଳା ଦିବସ ଏକ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟି ହୋଇଛି। ୧୯୦୮ ମସିହାରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଯେତେବେଳେ ନ୍ୟୁୟର୍କ ସହରରେ ୧୫ ହଜାର ମହିଳା ମାର୍ଚ୍ଚ ମାସରେ ଆନ୍ଦୋଳନ କରି ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ ପଦ ଓ ଭଲ ପାରିଶ୍ରମିକ ଦିଆଯାଉ ବୋଲି ଦାବି କଲେ।ମହିଳାମାନେ ସେମାନଙ୍କର ଅଧିକାର ପାଇଁ ଏକ ପଦଯାତ୍ରା କରିଥିଲେ।ଏହା ସହ ଭୋଟ ଦେବାର ଅଧିକାର ମଧ୍ୟ ଦାବି କରିଥିଲେ। ଏଣୁ ଆନ୍ଦୋଳନର ଏକ ବର୍ଷ ପରେ ଆମେରିକାର ସମାଜବାଦୀ ପାର୍ଟି ଏହି ଦିନଟିକୁ ପ୍ରଥମ ଜାତୀୟ ମହିଳା ଦିବସ ଭାବରେ ଘୋଷଣା କରିଥିଲା।ଏପରି ଚିନ୍ତାଧାରା ଜଣେ ମହିଳାଙ୍କର ହିଁ ଥିଲା। ୧୯୧୦ ମସିହାରେ କାର୍ଯ୍ୟରତ ମହିଳାମାନଙ୍କର ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଚାଲିଥିଲା।ସେହି ସମୟରେ ଏହି ସମ୍ମିଳନୀରେ ୧୭ଟି ଦେଶର ୧୦୦ ମହିଳା ଉପସ୍ଥିତ ଥିଲେ।ଏହି ସମୟରେ କ୍ଲାରା ଜେଟ୍ ?କିନ ନାମ୍ନୀ ମହିଳା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତେ ଏହି ପରାମର୍ଶକୁ ସମର୍ଥନ କଲେ। ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନ୍ ?ମାର୍କ, ଜର୍ମାନୀ ଏବଂ ସ୍ୱିଜରଲାଣ୍ଡରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା।ମାତ୍ର ୧୯୭୫ରେ ଏହା ଆନୁଷ୍ଠାନିକ ମାନ୍ୟତା ପାଇଲା। ସେତେବେଳେ ଏହାକୁ ମିଳିତ ଜାତିସଂଘ ଏକ ଥିମ ସହିତ ପ୍ରତିବର୍ଷ ପାଳନ କରିବା ଆରମ୍ଭ କଲା। ଏହି ଦିନ ମଧ୍ୟ ମହିଳା ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା। ମହିଳାମାନେ ଧର୍ମଘଟ କରିଥିବା ତାରିଖ ଥିଲା ୨୩ ଫେବୃୟାରୀ। ତେବେ ଗ୍ରେଗୋରିଆନ କ୍ୟାଲେଣ୍ଡରରେ ଏହି ଦିନ ୮ ମାର୍ଚ୍ଚ ଥିଲା ଏବଂ ସେବେଠାରୁ ଅନ୍ତର୍ଜାତୀୟ ମହିଳା ଦିବସ ୮ ମାର୍ଚ୍ଚରେ ପାଳନ କରାଗଲା।ଅନେକ ଦେଶରେ ଏହି ଦିନଟିକୁ ଜାତୀୟ ଛୁଟି ଘୋଷଣା କରାଯାଏ। ରୁଷ ଏବଂ ଅନ୍ୟାନ୍ୟ ଦେଶରେ ଏହି ଦିନ ଫୁଲର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହି ସମୟରେ ମହିଳା ଏବଂ ପୁରୁଷ ପରସ୍ପରକୁ ଫୁଲ ଦିଅନ୍ତି। ଚାଇନାର ଅଧିକାଂଶ କାର୍ଯ୍ୟାଳୟରେ ମହିଳାମାନଙ୍କୁ ଅଧାଦିନ ଛୁଟି ଦିଆଯାଏ। ଯୁକ୍ତରାଷ୍ଟ୍ରରେ ମାର୍ଚ୍ଚ ମାସକୁ ମହିଳା ଇତିହାସ ମହୋତ୍ସବ ଭାବରେ ପାଳନ କରାଯାଏ ।ମହିଳା ଦିବସର ଉଦ୍ଦେଶ୍ୟ ଓ ଗୁରୁତ୍ୱ:ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି। ଅନେକ କ୍ଷେତ୍ରରେ ମହିଳାମାନେ ଆଜି ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇ ନାହାଁନ୍ତି। ମହିଳାମାନଙ୍କୁ ଏହି ଅଧିକାର ଏବଂ ସମ୍ମାନ ବିଷୟରେ ସମାଜକୁ ଅବଗତ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି।ଅନ୍ତର୍ଜାତୀୟ ମହିଳା ଦିବସର ପ୍ରଥମ ବିଷୟବସ୍ତୁ ଥିଲା 'ଅତୀତକୁ ପାଳନ କରିବା, ଭବିଷ୍ୟତ ପାଇଁ ଯୋଜନା'।

ଭୁବନେଶ୍ୱର

# ଶିବରାତ୍ରୀ ଓ ମହା ମୃତ୍ୟୁଞ୍ଜୟ ମନ୍ତ୍ର

ଦେବାଶିଷ ଆଚାର୍ଯ୍ୟ

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋତିର୍ଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ପବିତ୍ର ମହାଶିବରାତ୍ରୀରେ ସନାତନ ଆଧ୍ୟାତ୍ମିକ ସଂସ୍କୃତିରେ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ତ୍ୱ ଅତ୍ୟନ୍ତ ଚେତନାଦାୟୀ ଓ କଲ୍ୟାଣକାରୀ ବୋଲି ବିଶ୍ୱାସ ରହିଛି। ବିଶ୍ୱାସ ରହିଛି ମୃତ୍ୟୁର ଭୟ ଉପରେ ବିଜୟ ଲାଭ କରିବା ନିମନ୍ତେ ଯେଉଁ ମନ୍ତ୍ର ଅହର୍ନିଷ ଜପ କରାଯାଏ ତାହା ହେଉଛି ମହାମୃତ୍ୟୁଞ୍ଜୟ ମନ୍ତ୍ର। ବ୍ରହ୍ମା, ବିଷ୍ଣୁ ଓ ଦେବ ଦେବ ମହେଶ୍ୱର ହିନ୍ଦୁ ଶାସ୍ତ୍ର ବିଧାନରେ ଏମାନେ ହେଉଛନ୍ତି ତ୍ରିମୂର୍ତ୍ତି, ପରଂବ୍ରହ୍ମଙ୍କର ତିନି ସ୍ୱରୂପ। ସଦ୍‌ଗୁଣର ପ୍ରତୀକ ହେଉଛନ୍ତି ବ୍ରହ୍ମା, ରଜ ଗୁଣର ବିଷ୍ଣୁ ଓ ତମ ଗୁଣର ପ୍ରତୀକ ଭାବେ ଶିବଙ୍କୁ ଆରାଧନା କରାଯାଏ। ପ୍ରାଚୀନ ବୈଦିକ ବିଶ୍ୱାସରେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଆଉ ସଂହାର କର୍ତ୍ତା ହେଉଛନ୍ତି ଶିବ। ଶିବ ସଂହାରକର୍ତ୍ତା ହୋଇଥିବାରୁ ମଣିଷର ଜୀବନଚକ୍ରକୁ ନିୟନ୍ତ୍ରଣ କରିବାର ଶକ୍ତି ହିଁ କେବଳ ତାଙ୍କର। ତାଙ୍କୁ ମଧ୍ୟ ମହାଦେବ, ମହା ମୃତ୍ୟୁଞ୍ଜୟ, ମହାଯୋଗୀ, ପଶୁପତି, ନଟରାଜ, ଭୈରବ ଏବଂ ବିଶ୍ୱନାଥ ଆଦି ବହୁ ନାମରେ ପୂଜା କରାଯାଏ। ଶିବଙ୍କର ଅନ୍ୟନାମ ମଧ୍ୟ ହେଉଛି ଆଶୁତୋଷ ଯାହାର ଅର୍ଥ ସେ ଅଳ୍ପକେ ସନ୍ତୁଷ୍ଟ ହୋଇଥାନ୍ତି। ଶିବ ସବୁବେଳେ ଧ୍ୟାନସ୍ଥ। କୈଳାସ ହେଉଛି ତାଙ୍କର ଆବାସ। ତେଣୁ ତାଙ୍କୁ ମଧ୍ୟ କୈଳାସପତି କୁହାଯାଏ।

ଶିବଙ୍କୁ ସନ୍ତୁଷ୍ଟ କରି ମୃତ୍ୟୁ ଭୟରୁ ରକ୍ଷା ପାଇବା ନିମନ୍ତେ ଯେଉଁ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଏ ତାହାର ସୁନ୍ଦର ବର୍ଣ୍ଣନା ମାର୍କଣ୍ଡେୟ ପୁରାଣରେ ସବିଶେଷ କରାଯାଇଛି। ସେହି ମନ୍ତ୍ରଟି ହେଉଛି 'ଓଁ ତ୍ରୟମ୍ବକମ୍ ଯଜା ମହେ ସୁଗନ୍ଧିଂ ପୁଷ୍ଟି ବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାଂମୃତାତ୍।' ଅର୍ଥାତ୍ ଆମେ ସେହି ତ୍ରିଲୋଚନ ଶିବଙ୍କୁ ପୂଜା କରୁଛୁ ଯାହାଙ୍କର ଦୟାର ସୁଗନ୍ଧ ଚର୍ତୁଦିଗରେ ବିଚ୍ଛୁରିତ ହୋଇପଡ଼ିଛି ଏବଂ ଯିଏ ହେଉଛନ୍ତି ଭକ୍ତର ରକ୍ଷକ। ପରିପକ୍ୱ ହୋଇଥିବା ଫୁଟି କାକୁଡି ଯେପିର ସହଜରେ ବୃନ୍ତଚ୍ୟୁତ ହୋଇଯାଏ ଠିକ୍ ସେହିପରି ଭାବେ ତାଙ୍କୁ ପୂଜାକଲେ ଆମେ ମୃତ୍ୟୁଭୟକୁ ଜୟ କରି ଅମରତ୍ୱ ଲାଭ କରି ପାରିବୁ। ହେ ପ୍ରଭୁ, ମୋକ୍ଷ ପ୍ରାପ୍ତି ନିମନ୍ତେ ଆପଣ ମତେ ଦୟା କରନ୍ତୁ ଏବଂ ମୃତ୍ୟୁର କରାଳ ଭୟରୁ ରକ୍ଷା କରନ୍ତୁ। ମାର୍କଣ୍ଡେୟ ପୁରାଣର ବର୍ଣ୍ଣନା ଅନୁଯାୟୀ ଶିବଙ୍କ ଉପରେ ମାର୍କଣ୍ଡେୟ ଏପରି ତଲ୍ଲୀନ ରହିଥିବାରୁ ସ୍ୱୟଂ ଯମଙ୍କ ଦୂତମାନେ ମଧ୍ୟ ଶରୀରରୁ ଆତ୍ମାକୁ ନେଇପାରିଲେ ନାହିଁ।

ଶିବଙ୍କୁ ଏହି ମନ୍ତ୍ର ଅର୍ପଣ କରାଯାଇ ତାଙ୍କୁ ମହାମୃତ୍ୟୁଞ୍ଜୟ କୁହାଯାଇଛି। ଋଗ୍‌ବେଦର ସପ୍ତମ ମଣ୍ଡଳ ୫୯ ଶ୍ଳୋକରେ ଏହା ସ୍ଥାନ ପାଇଛି। ବ୍ରହ୍ମର୍ଷି ବଶିଷ୍ଠଙ୍କ ଦ୍ୱାରା ଏହି ମନ୍ତ୍ର ଲେଖାଯାଇଛି। ମନ୍ତ୍ରର ଏକାଦଶ ପଦରେ ଏହାର ଆରମ୍ଭ ହୋଇଛି। ପ୍ରକୃତିର ପାଞ୍ଚ ଶକ୍ତିର ବର୍ଣ୍ଣନା କରାଯାଇଛି। ପ୍ରକୃତିର ଏହି ଶକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପରେ ବଶିଷ୍ଠ ଶେଷ ପଦରେ ଯେଉଁ ମନ୍ତ୍ର ଗାନ କରିଛନ୍ତି ତାହା ହେଉଛି ମହା ମୃତ୍ୟୁଞ୍ଜୟ ମନ୍ତ୍ର। ଏହି ଶକ୍ତିକାରୀ ମନ୍ତ୍ରକୁ ରୁଦ୍ରମନ୍ତ୍ର ଭାବେ କେହି କେହି ସ୍ମରଣପୂର୍ବକ ପାଠ କରିଥାନ୍ତି। ଜୀବନପ୍ରାପ୍ତି ନିମିତ୍ତ ଏହି ଦିବ୍ୟ ସଂଜିବନୀ ଶକ୍ତିଶାଳୀ ମନ୍ତ୍ରକୁ ମୃତ୍ୟୁ ସଂଜିବନୀ ମନ୍ତ୍ର ବୋଲି କୁହାଯାଏ। କାରଣ ଏହାକୁ ଦିବ୍ୟ ନାମସ୍ମରଣ ପୂର୍ବକ ପଠନ କଲେ ଜୀବନପ୍ରାପ୍ତି ହୋଇଥାଏ। ବେଦଜ୍ଞ ମୁନିଋଷିମାନେ ଏହି ମହା ମୃତ୍ୟୁଞ୍ଜୟ ମନ୍ତ୍ରକୁ ବେଦର ହୃଦୟ ବୋଲି କହିଥାଆନ୍ତି। ଗାୟତ୍ରୀ ମନ୍ତ୍ର ସହିତ ଏହାକୁ ଜପ କଲେ ଧ୍ୟାନ ଦୃଢ଼ ହୁଏ ଏବଂ ଅପାର ଶାନ୍ତ ଲାଭ ହୋଇଥାଏ। ଏହି ମନ୍ତ୍ରକୁ ଜପ କଲେ ଜୀବଶକ୍ତିର ପୁର୍ନବିନ୍ୟାସ ହୁଏ। ଦିବ୍ୟ ଓ ଆଧ୍ୟାତ୍ମିକ ସାଧନ ପ୍ରାପ୍ତି ନିମିତ୍ତ ଏହି ମନ୍ତ୍ର ଦ୍ୱାରା ସ୍ୱାସ୍ଥ୍ୟ ନିରୋଗ ଓ ଅତୁଟ ରହିବା ସହ ଦୀର୍ଘ ଜୀବନ ଲାଭ ହୋଇଥାଏ। କେବଳ ସେତିକିନୁହେଁ ଏହା ଦ୍ୱାରା ଶାନ୍ତି, ପ୍ରଗତି ଓ ସନ୍ତୋଷ ମିଳିଥାଏ। ପ୍ରାଚୀନ ଆବହମାନ ବୈଦିକ ଯୁଗରୁ ଏହି ମନ୍ତ୍ର ପରାଶକ୍ତି ସହିତ ଜୀବାତ୍ମାକୁ ସଂଯୋଗ କରିଆସିଛି। ଏହାକୁ ଜପ କଲେ ବାୟୁ ମଣ୍ଡଳରେ ସକାରାତ୍ମକ ଶକ୍ତିର ସଂଚାର ହୁଏ। ଜପ କରୁଥିବା ବ୍ୟକ୍ତିର ଚାରିପଟେ ଏକ ଆଧ୍ୟାତ୍ମିକ ବଳୟ ସୃଷ୍ଟି ହୋଇଥାଏ ଯାହାଦ୍ୱାରା ଚର୍ତୁପାର୍ଶ୍ୱରେ ନକରାତ୍ମକ ଶକ୍ତିର ବିନାଶ ହୋଇଥାଏ। ଏହି ଜପ ପ୍ରାପ୍ତିରେ ଶରୀରର ପ୍ରତ୍ୟେକ ଅଣୁ, ପରମାଣୁ ଓ କଣିକାରେ ଜୀବନ୍ୟାସ ଚେତନା ଜାଗ୍ରତ ହୋଇଥାଏ। ଏହାସହ ଅଜ୍ଞାତକୁ ଦୂରୀଭୂତ କରିଥାଏ। ଏହା ପ୍ରତ୍ୟେହ ଜଣେ ଜପ କରିବା ଦ୍ୱାରା ଯେଉଁ ଦୈବୀ ଅଗ୍ନି ନିର୍ଗତ ହୁଏ ତାହା ସମସ୍ତ ପ୍ରକାର ନକାରାତ୍ମକ ଶକ୍ତି ଓ ଚେତନାକୁ ପୋଡ଼ି ଧ୍ୱଂସ କରିବା ସହ ଜପକାରୀକୁ ଆହୁରି ପବିତ୍ର କରିଥାଏ। ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ଦ୍ୱାରା ଅସାଧ୍ୟ ରୋଗ ଧିରେ ଧିରେ ଦୂରେଇ ଯାଏ। ମୃତ୍ୟୁର ଭୟରୁ ଏହି ମନ୍ତ୍ର ବ୍ୟକ୍ତିକୁ ରକ୍ଷା କରିବା ସହିତ ଅନ୍ତରାତ୍ମା ସହିତ ଆମକୁ ଯୋଡ଼ିଦିଏ। ଆମ ଭିତରେ ଥିବା ଶିବଙ୍କୁ ଏହା ଜାଗ୍ରତ କରେ ଏବଂ ଜୀବନ ମୃତ୍ୟୁ ଚକ୍ରରୁ ଆତ୍ମାକୁ ମୁକ୍ତ କରିଥାଏ। ଏହା ମୋକ୍ଷ ପ୍ରଦାନ କରେ। ପରମାତ୍ମା ସହିତ ଜୀବାତ୍ମାର ଆଧ୍ୟାତ୍ମିକ ମହା ମିଳନ ହୋଇ ପୁର୍ନଜନ୍ମରୁ ରକ୍ଷା କରେ। ଆସନ୍ତୁ ପବିତ୍ର ମହାଶିବ ରାତ୍ରିରେ ଏହାକୁ ଜପ କରି ଆମ ନିଜର ଓ ସମାଜର ତଥା ସମଗ୍ର ମଣିଷ ଜାତିର କଲ୍ୟାଣ ପାଇଁ ଆଶୁତୋଷ ଶିବଙ୍କ ପାଖରେ ବିନୀତ ପ୍ରାର୍ଥନା କରିବା।

*ଦକ୍ଷିଣ ରାଢ଼ଙ୍ଗ, ବଳଗାଁ, ପୁରୀ,*
*ଦୂରଭାଷ : ୯୭୭୬୮୨୫୦୯୪*

# ଗୃହଲକ୍ଷ୍ମୀ ଓ ନାରୀର ସପ୍ତ ସଦ୍‌ଗୁଣ

## ଯଶସ୍ୱିନୀ ପଟ୍ଟନାୟକ

ମହିଳାଙ୍କୁ ସମ୍ମାନ ଦେବା ପାଇଁ ଜାତିସଂଘ ଘୋଷଣାକ୍ରମେ ୧୯୭୭ରୁ ପ୍ରତି ବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି । ଏହାକୁ ପ୍ରଥମେ ଅନ୍ତର୍ଜାତୀୟ କର୍ମଜୀବୀ ମହିଳା ଦିବସ କୁହାଯାଉଥିଲା । ପରେ ଜାତିସଂଘ ଅନୁମୋଦନ କ୍ରମେ ସେଥିରୁ 'କର୍ମଜୀବୀ' ଶବ୍ଦଟିକୁ ବାଦ୍ ଦିଆଯାଇଥିଲା । ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ମହିଳାଙ୍କୁ ପ୍ରତିଷ୍ଠିତ କରାଇବା ଦିଗରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ । ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘର୍ଷରତ । ୟୁରୋପ୍‌ରେ ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳାମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣା ଯାଉଥିଲେ । ସ୍ୱାଧୀନ ମତ ପୋଷଣ ବା ଭୋଟ୍ ଦେବାର ଅଧିକାର ନଥିଲା । ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା । ୧୭୯୨ରେ ମେରି ଉଲ୍‌ଷ୍ଟୋନ୍‌କ୍ରାଫ୍‌ଟ ନାମ୍ନୀ ବ୍ରିଟିସ୍ ଲେଖିକା ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ବହିଟିଏ ଲେଖିଥିଲେ – 'ଏ ଭିଣ୍ଡିକେସନ୍ ଅଫ୍ ଦ ରାଇଟସ୍ ଅଫ୍ ୱିମେନ୍' । ବହିଟି ସେତେବେଳେ ସମଗ୍ର ୟୁରୋପରେ ଚହଳ ପକାଇଥିଲା; ସମସ୍ତଙ୍କୁ ସେ ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲଶ । ତାହା ପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ୟୁରୋପ୍‌ର ବିଭିନ୍ନ ଅଞ୍ଚଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ଯାଇ ୟୁରୋପୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇଥିଲେ । ୧୯୧୧ ମାର୍ଚ୍ଚ ୧୯ ତାରିଖରେ ଜର୍ମାନି, ଅଷ୍ଟ୍ରିଆ, ଡେନମାର୍କ ଏବଂ ସୁଇଜରଲ୍ୟାଣ୍ଡରେ ପ୍ରଥମ ବିଶ୍ୱ ସ୍ତରୀୟ ମହିଳା ଦିବସ ପାଳିତ ହୋଇଥିଲା । ୧୯୧୩ରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହେଲା ମାର୍ଚ୍ଚ ୮ ତାରିଖରେ । ୧୯୭୫ରେ ଜାତିସଂଘ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତିକ ମହିଳା ବର୍ଷ । ତାପରେ ୧୯୭୭ ମାର୍ଚ୍ଚ ୮ରୁ ପାଳିତ ହେଉଛି ଆନ୍ତର୍ଜାତିକ ମହିଳା ଦିବସ । ପ୍ରତିବର୍ଷ ପରି ଚଳିତ ବର୍ଷର ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ରହିଛି 'ମହିଳା ମାନଙ୍କରେ ବିନିଯୋଗ କରନ୍ତୁ : ପ୍ରଗତି ତ୍ୱରାନ୍ୱିତ କରନ୍ତୁ।' (ଓଭ-ଙ୍ଗରସ୍ୱସ୍ୱ ସଭ ଙ୍ଗକ୍ଟଙ୍କରଭ: ଇମମରକ୍ଷରକ୍ସ-ବସ୍ୱର ଚକ୍ସକ୍ଟଶକ୍ସରସ୍ୱସ୍ୱ) । ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ। ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'।

ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ। ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା। ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି।



ଯଶସ୍ୱିନୀ ପଟ୍ଟନାୟକ

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ, ଇ-ମେଲ

# ଦାରାଧିନ ସ୍ତଥା ସ୍ୱର୍ଗଃ...

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି।

ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅଯଜ୍ଞୋ ବା ଏଷ ପୋଞ୍ଚପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି – 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି – 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା – ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ – ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି – ତେବେ ହିଁ ତୁମେ ଝିଅ – ତେବେ ହିଁ ତୁମେ ସତୀ।'

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା – ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି – ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ।

ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୁଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକୁ ଖର୍ବ କରି ନାରୀତ୍ୱର ପ୍ରତିଷ୍ଠା କରିବାକୁ ଚାହାଁନ୍ତି ସେମାନେ ସର୍ବନାଶୀ।

ନାରୀ ପୁରୁଷର ପରିପୋଷକ, ଉଭୟ ମିଶି ଏକ, ନାରୀ ହେଉଛି ପୁରୁଷ ସତ୍ତାର ବାକୀ ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସତ୍ତା, ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ, ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀ ଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତାର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କ ଠାରେ ସୁକେନ୍ଦ୍ରିକ ନ ହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନ ହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମି ଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ – ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ ଓ ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କଲେ – ପୁରୁଷ ମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେ ନାହିଁ, ମା' ହିଁ ସନ୍ତାନକୁ ମାପି ଦିଅନ୍ତି ଅର୍ଥାତ୍ ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି – ମାତୃଭକ୍ତି ଅତୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ସହପ୍ରତିରକ୍ଷିକ ଓ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




# ଜଳବାୟୁ ପରିବର୍ତ୍ତନ ଓ ପରିବହନ ପ୍ରଦୂଷଣ

ପରିବହନ କ୍ଷେତ୍ରରେ ଆସିବ ବଡ଼ ସଂସ୍କାର। ଅଧିକ ଧୂଆଁ ଓ ପ୍ରଦୂଷଣ ନିର୍ଗତ କରୁଥିବା ପୁରୁଣା ଯାନବାହନ ରାସ୍ତାରୁ ହଟିବ। ପେଟ୍ରୋଲ, ଡିଜେଲ ଯେମିତି ଯେମିତି କମ୍ ବ୍ୟବହାର କରି ଗାଡ଼ି ଚାଳନା କରାଯିବ ସେଥିପାଇଁ ଡ୍ରାଇଭରଙ୍କୁ ଦିଆଯିବ ତାଲିମ। ଅତ୍ୟଧିକ ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟର ଧରପଗଡ଼ ବ୍ୟାପକ ହେବ। ଖାଲି ସେତିକି ନୁହେଁ, ସମୟ ସହ ତାଳ ଦେଇ ପ୍ରଦୂଷଣ ରୋକିବାକୁ ଅଧିକ ସଂଖ୍ୟାରେ ଇଲେକଟ୍ରିକ ଓ ସିଏନଜି ବ୍ୟବହାରକାରୀ ଗାଡ଼ି ମୋଟର ଗଡ଼ିବ। ଏ ନେଇ ଓଡ଼ିଶା ସରକାର ମେଗା ଯୋଜନା ପ୍ରସ୍ତୁତ କରିଛନ୍ତି। ୧୦ ବର୍ଷିଆ ଯୋଜନା ହୋଇଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଲାଗି ପରିବହନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବା ଲାଗି ୨୪୫ କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା କରାଯାଇଛି।

ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱ ପାଇଁ ମହାବିପଦ ଡାକି ଆଣିଲାଣି। ଯେଉଁଭଳି ହାରରେ ପ୍ରଦୂଷଣ ବ୍ୟାପୁଛି, ଆଗକୁ ସ୍ଥିତି ଭୟାନକ ହେବ। ପ୍ରଦୂଷଣ ବୃଦ୍ଧିରେ ସବୁଠୁ ବଡ଼ ଭୂମିକା ନେଇଛି ପରିବହନ କ୍ଷେତ୍ର। ହୁ ହୁ ହୋଇ ଯାନବାହନ ସଂଖ୍ୟା ବଢ଼ି ଚାଲିଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ବିଷାକ୍ତ ଗ୍ୟାସ ସ୍ତର ବଢ଼ି ଚାଲିଛି। ଯେଉଁ ହାରରେ ପ୍ରଦୂଷଣ ବଢୁଛି, ୨୦୩୫ ବେଳକୁ ସାରା ବିଶ୍ୱରେ ଯେତେ ପରିମାଣର ପ୍ରଦୂଷଣ ଥିବ ତାହାର ୪୬ ଭାଗ କେବଳ ଯାନବାହନରୁ ନିର୍ଗତ ହେଉଥିବ। ଜଳବାୟୁ ପରିବର୍ତ୍ତନ ଆକ୍ସନପ୍ଲାନ ରିପୋର୍ଟ ମୁତାବକ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୭୪.୩୨ ଲକ୍ଷ ଯାନାବାହନ ପଞ୍ଜିକୃତ ହୋଇଥିଲା। ସେଥିରୁ ପ୍ରାୟ ୭୧ ଲକ୍ଷ ଗାଡ଼ିମୋଟର ଚଳାଚଳ କରୁଥିଲା। ୨୦୧୭-୨୦୧୮ରେ ୮.୬୬ ଲକ୍ଷ ନୂଆ ଯାନବାହନ ପଞ୍ଜିକୃତ ହୋଇଥିଲା ଯାହାକି ତା ପୂର୍ବବର୍ଷ ତୁଳନାରେ ୧୯.୬୦% ଅଧିକ। ୨୦୨୦ ଓ ୨୦୨୧ରେ କରୋନା ମହାମାରୀ ଯୋଗୁ ଯାନବାହନ କିଣା କମିଯାଇଥିଲା। ମାତ୍ର ଚଳିତବର୍ଷରୁ ପୁଣି ଯାନବାହନ ବିକ୍ରିରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ରାଜ୍ୟ ସରକାରଙ୍କ ରିପୋର୍ଟ କହୁଛି ରାଜ୍ୟରେ ଯେତିକି ଗାଡ଼ିମୋଟର ଚାଲୁଛି ତାର ୮୧% କେବଳ ଦୁଇଚକିଆ ଯାନ। କାର୍ ଆଦି ହାଲୁକା ମୋଟର ଯାନ ସଂଖ୍ୟା ପ୍ରାୟ ୭%। ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ସ୍ଥିତି ଅତି ଦୁର୍ବଳ। ବସ୍‌ର ଉପସ୍ଥିତି ମାତ୍ର ୪.୯%। ଏଥିରୁ ସ୍ପଷ୍ଟ ବ୍ୟକ୍ତିଗତ ଯାନବାହନ ଚଳାଚଳ ରାଜ୍ୟରେ କେତେ ଅଧିକ। ଯାତ୍ରୀ ପରିବହନ ବ୍ୟବସ୍ଥାରେ ବସ୍ ସଂଖ୍ୟା ଆବଶ୍ୟକତା ଠାରୁ ଅତି ନଗଣ୍ୟ, ଯେଉଁଥିପାଇଁ ଲୋକେ ବସ୍ ଉପରେ ନିର୍ଭର ନକରି ସବୁବେଳେ ନିଜ ବାଇକ, ସ୍କୁଟର କିମ୍ବା କାର ଚଳାଉଛନ୍ତି। ଯେତେ ଅଧିକ ଗାଡ଼ି ଗଡ଼ିବ, ସେତେ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବ, ସେତେ ଅଧିକ ପ୍ରଦୂଷଣ ବଢ଼ିବ। ଏହାକୁ ନଜରରେ ରଖି ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନରେ ପରିବହନ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ପୁରୁଣା ଯାନବାହନକୁ ପର୍ଯ୍ୟାୟକ୍ରମେ ହଟାଇବା ପାଇଁ ସ୍ୱତନ୍ତ୍ର ସ୍କ୍ରାପ୍ ନୀତି କାର୍ଯ୍ୟକାରୀ କରାଯିବ। ୧୦ ବର୍ଷରେ ପ୍ରାୟ ୩୫ ଲକ୍ଷ ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଯିବ। ଏ ନେଇ ୬୦ କୋଟି ଟଙ୍କା ୧୦ ବର୍ଷରେ ବ୍ୟୟ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ ଇନ୍ଧନ ବ୍ୟୟ ପାଇଁ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ଏଥିପାଇଁ ୧୦ ବର୍ଷରେ ୩ ଲକ୍ଷ ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟରକୁ ଧରିବା ପାଇଁ କଠୋର ଧରପଗଡ଼ ହେବ। ଏ ନେଇ ସ୍କ୍ୱାର୍ଡ଼ ଗଠନ ହେବ। ଅଧିକ ଧରପଗଡ଼ ପାଇଁ ରାଜ୍ୟବ୍ୟାପୀ ସ୍କ୍ୱାର୍ଡ଼ କାର୍ଯ୍ୟ କରିବ। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଅତି କଠୋର ଭାବେ କାର୍ଯ୍ୟକାରୀ କରାଯିବ। ଏ ଦିଗରେ ୧୦ବର୍ଷରେ ୧୦୦ କୋଟି ବ୍ୟୟ ହେବ। ଅଧିକ ସଂଖ୍ୟାରେ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଖୋଲିବ। ଇ-ରିକ୍ସା, ଇକେଟ୍ରିକ ଯାନ ଓ ସିଏନଜି ଚାଳିତ ଗାଡ଼ି ମୋଟର ଚଳାଚଳକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବେ। ଅବଶ୍ୟ ଇ-ଯାନ ନୀତିକୁ କାର୍ଯ୍ୟକାରୀ କରିବାରେ ସରକାର ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଏହାକୁ ବ୍ୟାପକ କରାଯିବ। ଇ-ଯାନ ପାଇଁ ସରକାର ସବ୍‌ସିଡି ମଧ୍ୟ ଦେଉଛନ୍ତି। ଟିକସ ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି। ଏଭଳି ଭାବେ ୧୦ ବର୍ଷରେ ଏ କ୍ଷେତ୍ରରେ ୪୦ କୋଟି ଟଙ୍କା ବିନିଯୋଗ ପାଇଁ ସରକାର ଯୋଜନା କରିଛନ୍ତି। ପରିବେଶବିତ୍ ଡକ୍ଟର ବିଜୟ ମିଶ୍ରଙ୍କ କହିବାନୁସାରେ ସମୟ ଆସିଯାଇଛି ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟାପକ କରିବାକୁ ହେବ। ପ୍ରତି ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପ୍ରମୁଖ କାରଖାନାକୁ ବସ ସେବା ଯୋଡ଼ିବାକୁ ହେବ। ଯେତେ ଘରୋଇ ଗାଡ଼ି ବ୍ୟବହାର କମିବ, ବାୟୁ ପ୍ରଦୂଷଣ ମଧ୍ୟ କମିବ। ଏହାସହ ଅଧିକରୁ ଅଧିକ ଇ-ଯାନକୁ ପ୍ରୋତ୍ସାହନ ଦିଆଯିବା ଜରୁରୀ।

## ଧର୍ମଶାଳା ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ



ଧର୍ମଶାଳା (ପିଏନ୍): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଙ୍ଗଠନ ଧର୍ମଶାଳା ପ୍ରେସକ୍ଲବର ସାଧାରଣ ପରିଷଦ ବୈଠକ ଜାରକା ସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା। କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଉତ୍ସବକୁ ସରସସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଥିସହ କ୍ଲବର ବାର୍ଷିକ ମୁଖପତ୍ର 'ପ୍ରହରୀ' ପ୍ରକାଶନ ସହସମ୍ପାଦନା ମଣ୍ଡଳୀ ଗଠନ କରାଯାଇଥିଲା। କ୍ଲବର ସଭାପତି ଓ ସମ୍ପାଦକଙ୍କ ସମେତ ସମ୍ପାଦନା ମଣ୍ଡଳୀରେ କୋଷାଧକ୍ଷ ଅଖିଳ କୁମାର ସ୍ୱାଇଁ, ସହ ସମ୍ପାଦକ ମାନସ ରଂଜନ ଜେନା, ବରିଷ୍ଠ ସଭ୍ୟ ବିବେକାନନ୍ଦ ରାୟ ଓ ସଂଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଜାନୁଆରୀ ମାସ ୨୩ ତାରିଖରେ ଦିବଂଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପଡୁଥିବାରୁ ପ୍ରେସ କ୍ଲବ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ସାମ୍ବାଦିକ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିକ୍ରମ କେଶରୀ ମହାନ୍ତି, ଅକ୍ଷୟ କୁମାର ରାଉତ, ଅନିଲ କୁମାର ନାୟକ, ଗିରିଧାରୀ ବେହେରା, ସୁବ୍ରତ ଜେନା, ବିନୋଦ ପରିଡା, କିଶୋର ରାଉତ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ଧର୍ମଶାଳା (ପିଏନ୍): ୩ ଦଫା ଦାବି ପୂରଣ ପାଇଁ ଧର୍ମଶାଳା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଜାରକା ବଜାରରେ ଶୋଭାଯାତ୍ରା ସହ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ନେତା ଅକ୍ଷୟ କୁମାର ଦାସ, ମନୋଜ କୁମାର ରଣା, ଦୟାନିଧି ବିଶ୍ୱାଳ, ସେକ୍ ସାମସୁଦ୍ଦିନ୍, ଦୀପ୍ତି ରାଉତ, ବ୍ରଜକିଶୋର ପଣ୍ଡା, ପ୍ରକାଶ ନାୟକ, ଚନ୍ଦନ କୁମାର ସ୍ୱାଇଁ ଓ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ୩ଶହରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଜେମାଣୁଣୀ ମନ୍ଦିରରୁ ବାହାରି ଜାରକା ବଜାର ପରିକ୍ରମା କରିଥିଲେ। ହାତରେ ପ୍ଲାକାର୍ଡ ଧରି ଦାବି ପୂରଣ ପାଇଁ ବିଭିନ୍ନ ନାରାବାଜି କରିଥିଲେ। ପରେ ଧର୍ମଶାଳା ବିଇଓଙ୍କ କାର୍ଯ୍ୟାଳୟରେ ପହଁଚି ବିଇଓ ନିକୁଂଜବିହାରୀ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ନାରାୟଣ ନନ୍ଦ, ନରେନ୍ଦ୍ର ବେହେରା, ଅନୀଲ କୁମାର ମହାରଣା, ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, କୁମୁଦିନୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡି.ଏମ୍.ଏଫ୍.ର ଏକାଦଶତମ ଟ୍ରଷ୍ଟ୍ ବୋର୍ଡ ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. (ଜିଲ୍ଲା ଖଣିଜ ପ୍ରତିଷ୍ଠାନ)ର ଏକାଦଶତମ ଟ୍ରଷ୍ଟ୍ ବୋର୍ଡ ବୈଠକ ଚଳିତ ନଭେମ୍ବର ୧୯ ତାରିଖ ଶନିବାର ଦିନ ଜିଲ୍ଲାପାଳ ତଥା ଡି.ଏମ୍.ଏଫ୍.ର ଚେୟାରମ୍ୟାନ୍ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଆଶିଷ ଠାକରେଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଡି.ଏମ୍.ଏଫ୍.ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଡି.ଏମ୍.ଏଫ୍. ଟ୍ରଷ୍ଟ୍ ବୋର୍ଡର ସଦସ୍ୟ/ସଦସ୍ୟା, ସଂପୃକ୍ତ ଲାଇନ୍ ଡିପାର୍ଟମେଂଟ୍‌ର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଡି.ଏମ୍.ଏଫ୍. ଟ୍ରଷ୍ଟ୍ ବୋର୍ଡର ନୂତନ ସଦସ୍ୟ / ସଦସ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରି ଡି.ଏମ୍.ଏଫ୍.ର ଆର୍ଥିକ ସହଯୋଗରେ ଜିଲ୍ଲାରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଡି.ଏମ୍.ଏଫ୍. ସହଯୋଗରେ ଅଭିନବ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କର ପୌଷ୍ଟିକ ଅଭିବୃଦ୍ଧି ପାଇଁ ଅଙ୍ଗନୱାଡି ଶିଶୁଙ୍କୁ ମାଣ୍ଡିଆ ଲଡୁ ଯୋଗାଣ, କର୍ମଜୀବୀ ମହିଳାଙ୍କ ଶିଶୁମାନଙ୍କ ଯତ୍ନ ଓ ପୃଷ୍ଟି ସାଧନ ପାଇଁ କ୍ରେଚ୍ ସ୍ଥାପନ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ମା ଗୃହ ସ୍ଥାପନ, ଓଡ଼ିଶା ମିଲେଟ୍ ମିଶନ ଅଂର୍ଗତ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଜରିଆରେ ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଅଭିବୃଦ୍ଧି, ମାଣ୍ଡିଆ ଜାତୀୟ ଖାଦ୍ୟର ବହୁଳ ବ୍ୟବହାର, କୃଷି ଉତ୍ପାଦନ କ୍ଲଷ୍ଟର ଜରିଆରେ ଏସ୍.ଏଚ୍.ଜି.ଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦୁଝର ଜିଲ୍ଲା ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇଛି ଏବଂ ନୀତି ଆୟୋଗ ମଧ୍ୟ ପ୍ରଶଂସା କରିଛିି ବୋଲି କହିଥିଲେ। କେନ୍ଦୁଝର ବିଧାୟକ ମୋହନ ଚରଣୀ ମାଝୀ ଏହି ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଡି.ଏମ୍.ଏଫ୍. ଏକ ବଡ ସଂସ୍ଥା ଏବଂ ଡି.ଏମ୍.ଏଫ୍.କୁ ପର୍ଯ୍ୟାପ୍ତ ପାଣ୍ଠି ଆସୁଛି, ଏଣୁ ଯଥାଯଥ ଯୋଜନାବଦ୍ଧ ଭାବେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟାନ୍ୱୟନ କଲେ ଏବଂ ସମସ୍ତଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲାର ଉଲ୍ଲେଖନୀୟ ଉନ୍ନତି ହେବା ସହିତ କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. ସମଗ୍ର ଭାରତ ବର୍ଷରେ ପ୍ରଥମ ସ୍ଥାନ ହାସଲ କରିପାରିବ ବୋଲି କହିଥିଲେ। କେନ୍ଦୁଝର ବିଧାୟକ ଶ୍ରୀ ମାଝୀଙ୍କ ସମେତ ତେଲକୋଇ ବିଧାୟକ ଶ୍ରୀ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଡି.ଏମ୍.ଏଫ୍. କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା, ସୁପରିଚାଳନା ସଂପର୍କରେ ପରାମର୍ଶ ଦେଇଥିଲେ। ବୈଠକରେ ଡିଏମ୍ଏଫ୍ ଅନୁଦାନରେ ବିଭିନ୍ନ ବିଭାଗ ଜରିଆରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡିକର ସ୍ଥିତି, ଅଗ୍ରଗତି ଓ କେତେକ କ୍ଷେତ୍ରରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ପ୍ରତିବନ୍ଧକ ସଂପର୍କରେ ପାୱାର ପଏଂଟ୍ ପ୍ରେଜେଂଟେସନ୍ ସହିତ ଆଲୋଚନା କରାଯାଇଥିଲା। ଡି.ଏମ୍.ଏପ୍. ଫଣ୍ଡରେ ନିର୍ମିତ କେନ୍ଦୁଝର ସରକାରୀ ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ପାଠପଢା ଆରମ୍ଭ ସଂପର୍କରେ ଆଲୋଚନା ହୋଇଥିଲା। ଯୋଡା ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ, ବଡବିଲ୍‌ଠାରେ ରିଙ୍ଗ୍ ରୋଡ୍ ନିର୍ମାଣ, ପୂର୍ତ୍ତ ବିଭାଗ ଦ୍ୱାରା ବିଭିନ୍ନ ରାସ୍ତା ଓ ପୋଲ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ରାସ୍ତା, ପୋଲ ଓ ହଷ୍ଟେଲ୍ ନିର୍ମାଣର ସ୍ଥିତି ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ / ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି, କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇ ଅସଂପୂର୍ଣ୍ଣ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜଳକ୍ଲିଷ୍ଟ ଅଂଚଳରେ ଟ୍ୟୁବ୍‌ୱେଲ୍, ସୋଲାର ମାଧ୍ୟମରେ ପାନୀୟ ଜଳ ଯୋଗାଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ କାର୍ଯ୍ୟକ୍ରମରେ ପ୍ରତି ଘର ସଂଯୋଗ ହୋଇଛି କି ନାହିଁ ତାହା ବିଡିଓମାନଙ୍କ ଦ୍ୱାରା ତଦାରଖ କରାଯିବ ବୋଲି କହିଥିଲେ। ଉଠାଜଳସେଚନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପ, ଇଡ୍‌କୋ ଦ୍ୱାରା ହାତକୁ ନିଆଯାଇଥିବା ଧରଣୀଧର ସ୍ପୋର୍ଟ୍‌ସ କଂପ୍ଲେକ୍ସର ଆଧୁନିକିକରଣ, ଧନୁର୍ଜୟପୁର ଠାରେ ହେଭି ଭେହିକିଲ୍ ଡ୍ରାଇଭିଂ ଟ୍ରେନିଂ ସେଂଟର, ଜିଲ୍ଲାର ବିଭିନ୍ନ ସ୍ଥାନରେ ଟ୍ରକ୍ ଟିର୍ମିନାଲ୍ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ଭିତିଭୂମିର ଉନ୍ନତି, ମା ଗୃହ ନିର୍ମାଣ, ସଂଜିବନୀର କାର୍ଯ୍ୟକାରିତା, ଡିଜିଟାଲ୍ ଡିସ୍‌ପେନ୍‌ସାରୀର କାର୍ଯ୍ୟକାରିତା, କୋଭିଡ୍ ସମୟରେ ଡି.ଏମ୍.ଏଫ୍. ଫଣ୍ଡ୍ ବିନିଯୋଗରେ ମହାମାରୀ କୋଭିଡ୍‌ର ମୁକାବିଲା, ଓଡିଶା ମିଲେଟ୍ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ, କୃଷି ଉତ୍ପାଦନ କ୍ଲଷ୍ଟରର କାର୍ଯ୍ୟାବଳୀ ଓ ସଂପ୍ରସାରଣ, ମହିଳା ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ, ଅଙ୍ଗନୱାଡି ଗୃହ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଧୂମବିହୀନ ଚୂଲା ଓ ପ୍ରେସରକୁକର ଯୋଗାଣ, ଜିଲ୍ଲାରେ କ୍ରେଚର କାର୍ଯ୍ୟକାରିତା ଓ ସଂପ୍ରସାରଣ, ବିଭିନ୍ନ ଅଂଚଳରେ ଅପପୃଷ୍ଟିର ଶିକାର ହେଉଥିବା ଶିଶୁମାନଙ୍କର ପୁଷ୍ଟିର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଡାଠାରେ ଓଲଡ୍ ଏଜ୍ ହୋମ୍‌ର କାର୍ଯ୍ୟକାରିତା ଓ ସଂପ୍ରସାରଣ ସଂପର୍କରେ ସମୀକ୍ଷା କରାଯିବା ସହିତ ଡି.ଏମ୍.ଏଫ୍. ଅନୁଦାନରେ ହାତକୁ ନିଆଯାଉଥିବା ନୂତନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଖଣି ପ୍ରଭାବିତ ଅଂଚଳ ଭାବେ ନୂତନ ଭାବେ ଚିହ୍ନଟ ହୋଇଥିବା ୧୦୬ଟି ଗାଁ ସଂପର୍କରେ ଆଲୋଚନା କରାଯାଇଥିଲା। ପ୍ରତି ପଂଚାୟତରେ ଲାଇବ୍ରେରୀ ସ୍ଥାପନ, ଖେଳପଡିଆ ନିର୍ମାଣ ଏବଂ ପାର୍କ ନିର୍ମାଣ ସହିତ ଆଗାମୀ ଦିନରେ ହାତକୁ ନେବାକୁ ଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ପୂର୍ବ ଟ୍ରଷ୍ଟ୍ ବୋର୍ଡ ବୈଠକର ଅନୁମୋଦିତ ବିବରଣୀ ସଂପର୍କରେ ଆଲୋଚନା ସହିତ ୨୦୨୦-୨୧ ଏବଂ ୨୦୨୧-୨୨ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନା କରାଯାଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସପ୍ତ ଦିବସ ବ୍ୟାପୀ ଭାଗବତ କଥାମୃତର ଉଦ୍‌ଯାପନ



ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା ଗୀତା ଜାଗରଣ ପରିଷଦର ଆନୁକୂଲ୍ୟରେ ଆୟୋଜିତ ଭାଗବତ କଥାମୃତ ଆଲୋଚନାର ଉଦ୍‌ଯାପନୀ ଦିବସରେ ପରିଷଦର ସଭାନେତ୍ରୀ ପ୍ରତୀମା କରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଗଦାଧର ରାଉତ, ଭାଗବତର ମହତ୍ୱ ଉପରେ ଆଲୋଚନା କରିବା ସହିତ, ଗାୟକ ଚୁଡ଼ାମଣୀ ଜଗବନ୍ଧୁ ଓଝାଙ୍କୁ ଗାୟକ ସୁଧାକର ଚନ୍ଦ୍ର ପରମାନନ୍ଦ ଶରଣ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ନିତ୍ୟାନନ୍ଦ ଦେଓ ଅନ୍ତିମ ସନ୍ଧ୍ୟାରେ ଭାଗବତର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଭଗବାନଙ୍କୁ ପାଇବାକୁ ହେଲେ ନିଷ୍କାମ ଭକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି କ୍ଷୀରୋଚନ୍ଦ୍ର ପାଠୀ ଉପସ୍ଥିତ ଥିଲେ, ସମ୍ପାଦକ ଭାସ୍କର ମହାନ୍ତି, ସପ୍ତ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ସଂପାଦକ ଗୁଣମଣୀ ପାଣିଗ୍ରାହୀ ନିଜର ବକ୍ତବ୍ୟରେ ଅନୁଷ୍ଠାନ ପ୍ରତି ତାଙ୍କର ନିଷ୍ଠା ଓ ଚେଷ୍ଟା ଜାରି ରଖିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁବାସ ମହାପାତ୍ର, ରବିନାରାୟଣ କର, ଅକ୍ଷୟ ମିଶ୍ର, ଜନାର୍ଦ୍ଦନ ମହାନ୍ତି, ଫାଗୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ-ସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣା ପେନ୍‌ସନ ୨୮୦୦ ଟଙ୍କା ଗ୍ରେଡ ପେ ଦାବୀରେ ବାଂଶପାଳ ବିଇଓ ଅଫିସ ଘେରାଉ କଲେ ଶିକ୍ଷକ



କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ଦାବୀ ନେଇ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯିବା ସହ ଘେରାଉ କରିଛନ୍ତି। ୨୦୦୧ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିକଟରେ ରାଜ୍ୟ ସରକାର ୨୦୧୩ ପରବର୍ତ୍ତୀ ଚୁକ୍ତି ଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ନିୟମିତ କରିଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକ ମାନେ ଏଥିରୁ ବଂଚିତ ହୋଇଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ପ୍ରାଥମିକ ଶିକ୍ଷକମାନଙ୍କୁ ସରକାର ବାରମ୍ବାର ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଚାକିରୀରେ ଯୋଗ ଦେବା ଦିନଠାରୁ ୬ ବର୍ଷର ଶିକ୍ଷା ସହାୟକ ସମୟକୁ ମୂଳ ଚାକିରୀ ସହିତ ଗଣନା କରିବା ସହିତ ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିବା, କେନ୍ଦ୍ରୀୟ ହାରରେ ଦରମା ଦେବା, ଏନପିଏସକୁ ଉଚ୍ଛେଦ କରି ପୁରୁଣା ପେନସନ ସ୍କିମ ଲାଗୁ କରିବା, ପ୍ରାଥମିକ ଶିକ୍ଷକମାନଙ୍କ ଗ୍ରେଡ ପେ ୨୮୦୦ ଟଙ୍କାକୁ ବୃଦ୍ଧି କରିବା ଆଦି ୩ଟି ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହାର ପ୍ରତିବାଦରେ ମହାସଂଘ ଡାକରାରେ ଆଗାମୀ ୨୭ ତାରିଖ ସୁଦ୍ଧା ଏହି ୩ଟି ଦାବୀ ପୂରଣ ନ କଲେ ସେହିଦିନଠାରୁ ଦାବୀ ହାସଲ ହେଲା ପର୍ଯ୍ୟନ୍ତ ବିଧାନସଭା ଆଗରେ ଅହୋରାତ୍ର ଧାରଣାରେ ଶିକ୍ଷକମାନେ ବସିବେ ବୋଲି ବାଂଶପାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କଳାକାର ବେହେରା ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ବାଂଶପାଳ ବ୍ଲକ ଶିକ୍ଷକ ସଂଘ ସଭାପତି କଳାକର ବେହେରା, ସମ୍ପାଦକ ଆଶିଷ କୁମାର ସେଠୀ, ଗୌରହରି ମହାନ୍ତ, ବସନ୍ତ ପରିଡା, ଜ୍ଞାନେନ୍ଦ୍ର ଦେହୁରୀ, ପ୍ରଭାକର ସାହୁ, କ୍ଷିରୋଦ ଚନ୍ଦ୍ର ସେଠୀ, ଦୁଃଶାସନ ମହାନ୍ତ, ରାଜଶ୍ରୀ ମହାନ୍ତି, ପ୍ରମିଳା ସାହୁ, ରୀନା ବେହେରା, କନ୍ୟାକୁମାରୀ ଦଣ୍ଡପାଟ, ଅଶୋକ ଖମାରୀ, ଲୋହିତେଶ୍ୱର ନାୟକ, ଭଦ୍ରାନନ୍ଦ ପାତ୍ର, ହୃଦାନନ୍ଦ ମହାନ୍ତ, ବାପୁଲୁ ସିଂ, ସନ୍ତୋଷ କୁମାର ମହାପାତ୍ର, ଗୌରାଙ୍ଗ ଚରଣ ସାହୁ, ରୀତାଂଜଳି ପଣ୍ଡା, ପ୍ରଦୀପ ମହାନ୍ତ ସମେତ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ ।ୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି, ନଈବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ ଳ ଅଶାନ୍ତ ହୋଇପଡିଛି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜି ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।



ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Friday March 08, 2024 | ଭୁବନେଶ୍ୱର ଶୁକ୍ରବାର, ମାର୍ଚ୍ଚ ୮ ,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## କିଟ୍‌ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ) : କିଟ ଓ କିସ୍ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍‌ର ମହିଳା କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ସାମନ୍ତ କହିଲେ ମହିଳାମାନେ ସବୁ କ୍ଷେତ୍ରରେ ପୁରୁଷଙ୍କ ଭଳି ଦକ୍ଷ ଓ କର୍ମଠ । ମହିଳାମାନେ ଆଜି ପ୍ରତିରକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ମହାକାଶ ଗବେଷଣା କ୍ଷେତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଓ ନିଷ୍ଠା ବଳରେ ସଫଳତା ହାସଲ କରିପାରୁଛନ୍ତି । କିଟ୍ ଓ କିସ୍ ସର୍ବଦା ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଇଆସୁଛି । କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍‌ର ୫୦% ପ୍ରତିଶତ କର୍ମଚାରୀ ହେଉଛନ୍ତି ମହିଳା । କିଟ୍ ଓ କିସ୍‌ରେ କାର୍ଯ୍ୟ କରିବାର ଏଭଳି ବାତାବରଣ ରହିଛି ଯେଉଁଠି ପାରସ୍ପରିକ ସମ୍ମାନ ଓ ଆନନ୍ଦ ରହିଥାଏ । ସାମାଜିକ ବିକାଶ, ସୁଖ ଓ ସମୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ମହିଳାମାନେ ହେଉଛନ୍ତି ସମସ୍ତ ଶକ୍ତିର ଉତ୍ସ ବୋଲି ଶ୍ରୀ ସାମନ୍ତ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମହିଳା କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ବିଜେପି ସହ ଆସନ ବୁଝାମଣା: ଦିଲ୍ଲୀ ଗଲେ ପାଣ୍ଡିଆନ ଓ ବବି



ଭୁବନେଶ୍ୱର, (ପି.ଏନ): ଦୀର୍ଘ ୧୫ବର୍ଷ ପରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଂଟକୁ ଫେରିବ ବିଜେଡି । ଗତକାଲି ଦୁଇଦଳ ଭିନ୍ନ ଭିନ୍ନ ବୈଠକ କରି ଦଳୀୟ ନେତାମାନଙ୍କୁ ସମ୍ଭାବ୍ୟ ମେଂଟ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଅବଗତ କରିବା ପରେ ଆଜି ଏହି ପ୍ରକ୍ରିୟା ଆଉ ପାଦେ ଆଗେଇବାର ସମ୍ଭାବନା ରହିଛି । ଓଡିଶାରେ ଉଭୟ ବିଧାନସଭା ଓ ଲୋକସଭା ଆସନ ବୁଝାମଣାର ଫର୍ମୁଲା ଓ କିଏ କେଉଁ ଆସନରେ ଲ଼ଢ଼ିବେ ତାହା ଚୂଡାନ୍ତ କରିବା ନିମନ୍ତେ ବିଜେଡି ନିଜର ଦୁଇଜଣ ନେତା ଭିକେ ପାଣ୍ଡିଆନ ଓ ପ୍ରଣବପ୍ରକାଶ ଦାସ(ବବି)ଙ୍କୁ ଦିଲ୍ଲୀ ପଠାଇଛି । ସେଠାରେ ଗତକାଲିଠୁ ରହିଥିବା ରାଜ୍ୟ ବିଜେପି ନେତୃତ୍ୱ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ଉପସ୍ଥିତିରେ ଏହି ଆସନ ବୁଝାମଣା ପ୍ରକ୍ରିୟା ଚୂଡାନ୍ତ ହେବ ବୋଲି ସୂଚନା ମିଳିଛି ।ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏକ ସ୍ୱତନ୍ତ୍ର ଚାର୍ଟର ପ୍ଲେନରେ ବିଜେଡି ନେତା ଶ୍ରୀ ପାଣ୍ଡିଆନ ଓ ବବି ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ସେମାନେ ଆଜି ରାତି ପ୍ରାୟ ସାଢ଼େ ୮ଟାରେ ବିଜେପିର ବରିଷ୍ଠ ନେତା(ଓଡିଶା ଦାୟିତ୍ୱରେ ଥିବା)ଙ୍କ ଘରେ ରାଜ୍ୟ ବିଜେପି ନେତାମାନଙ୍କ ସହ ଆସନ ବୁଝାମଣାକୁ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାପୂର୍ବରୁ ଆଜି ପୂର୍ବାହ୍ନରେ ବିଜେପିର ରାଜ୍ୟ ନେତୃତ୍ୱମାନଙ୍କ ଏକ ବୈଠକ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ଘରେ ଅନୁଷ୍ଠିତ ହୋଇଥିଲା । ଗତକାଲି ବିଜେପିର ରାଜ୍ୟ ନେତୃତ୍ୱଙ୍କ ସହ ମଧ୍ୟ କେନ୍ଦ୍ରୀୟ କୋର କମିଟି ବୈଠକ ବସି ସମ୍ଭାବ୍ୟ ମେଂଟ ସମ୍ପର୍କରେ ଅବଗତ କରାଯାଇଥିଲା ।

## ବଢିଲା ଆଶା କର୍ମୀଙ୍କ ଦରମା, ଉପକୃତ ହେବେ ୪୯ହଜାର ୫୨୨ ଆଶା କର୍ମୀ



ଭୁବନେଶ୍ୱର, (ପି.ଏନ): ଆଶାକର୍ମୀଙ୍କୁ ରାଜ୍ୟ ସରକାର ଦେଲେ ଖୁସି ଖବର । ସମସ୍ତ ଆଶାକର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କଲେ ରାଜ୍ୟ ସରକାର । ମାସିକ ପାରିଶ୍ରମିକ ୭ ହଜାର ଟଙ୍କାକୁ ବୃଦ୍ଧି ହେଲା । ପୂର୍ବରୁ ଆଶା କର୍ମୀଙ୍କ ଦରମା ୪ ହଜାର ୫୦୦ଟଙ୍କା ଥିଲା । ଏହା ସହିତ ସେବା ନିବୃତ୍ତ ପ୍ରୋତ୍ସାହନ ରାଶି ବି ବୃଦ୍ଧି କଲେ ରାଜ୍ୟ ସରକାର । ଏହାକୁ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କଲେ ସରକାର ।ଏହି ପାରିଶ୍ରମିକ ବୃଦ୍ଧି ଦ୍ୱାରା ଉପକୃତ ହେବେ ୪୯ହଜାର ୫୨୨ ଆଶା କର୍ମୀ । ଏଥିପାଇଁ ୨୦୮କୋଟି ଟଙ୍କା ଖର୍ଚ୍ଚ କରିବେ ରାଜ୍ୟ ସରକାର । ଅନ୍ୟପକ୍ଷରେ ବର୍ଷକୁ ରାଜ୍ୟ ରାଜକୋଷରୁ ଅତିରିକ୍ତ ୧୪୮.୫୭ କୋଟି ଟଙ୍କା ଖର୍ଚ୍ଚ ହେବ ।

## ଲୋକସଭା ନିର୍ବାଚନ ଲଢ଼ିବାକୁ କଂଗ୍ରେସକୁ ମିଳୁ ନାହାନ୍ତି ପ୍ରାର୍ଥୀ !



ଭୁବନେଶ୍ୱର, (ପି.ଏନ): ଆଉ କିଛି ସପ୍ତାହ ପରେ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବ। ପ୍ରାୟ ଅଧିକାଂଶ ରାଜନୀତିକ ଦଳ ଏଥିପାଇଁ ନିଜର ପ୍ରସ୍ତୁତିକୁ ଚୂଡାନ୍ତ କରି ସାରିଲେଣି ।କେନ୍ଦ୍ରରେ କ୍ଷମତାସୀନ ବିଜେପି ପ୍ରଥମ ପର୍ଯ୍ୟାୟରେ ୧୯୫ ଜଣ ପ୍ରାର୍ଥୀଙ୍କ ନାଁ ମଧ ଘୋଷଣା କରି ସାରିଛି । ହେଲେ ଦେଶର ସର୍ବପୁରାତନ ରାଜନୀତିକ ଦଳ କଂଗ୍ରେସ ଏବେ ବି ଦ୍ୱନ୍ଦ୍ୱରେ ରହିଛି । ପ୍ରାର୍ଥୀ ଚୟନ ପାଇଁ କଂଗ୍ରେସ ଘନଘନ ବୈଠକ କରୁଛି ହେଲେ ଦଳ ଟିକେଟରେ ପ୍ରାର୍ଥୀ ହେବାକୁ ଅଧିକାଂଶ ନେତା ରାଜି ହେଉ ନଥିବା ଜଣାପଡିଛି ।ନିକଟରେ କର୍ଣ୍ଣାଟକା ବିଧାନସଭା ନିର୍ବାଚନରେ କଂଗ୍ରେସ ବାଜିମାତ କରିଥିଲା । ରାଜ୍ୟରେ ଦଳ ଲୋକସଭା ନିର୍ବାଚନରେ ମଧ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି । କିନ୍ତୁ କର୍ଣ୍ଣାଟକାରେ ଦଳ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛି ।

## ରାହୁଲ ଗାନ୍ଧିଙ୍କ 'ନ୍ୟାୟ ଯାତ୍ରା'ରେ ସାମିଲ ହେଲେନି କମଲନାଥ ଗୋଷ୍ଠୀର କୌଣସି ବିଧାୟକ

ଭୁବନେଶ୍ୱର, (ପି.ଏନ): ମଧ୍ୟପ୍ରଦେଶ କଂଗ୍ରେସରେ ସବୁ କିଛି ଠିକ ଠାକ ନଥିବା ଭଳି ଅନୁମେୟ ହେଉଛି । କାରଣ ଛିନ୍ଦୱାରା ସାଂସଦ ନକୁଲ ନାଥଙ୍କ ଠାରୁ ଆରମ୍ଭ କରି ତାଙ୍କ ବାପା କମଲ ନାଥଙ୍କ ଗୋଷ୍ଠୀର କୌଣସି ବିଧାୟକ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରାରେ ସାମିଲ ହୋଇ ନାହାନ୍ତି ।ନକୁଲ ନାଥ ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି ଯେ ସେ ବିଜେପିରେ ସାମିଲ ହେଉ ନାହାନ୍ତି ଓ କଂଗ୍ରେସ ଟିକେଟରେ ଲୋକସଭା ନିର୍ବାଚନ ଲଢ଼ିବେ । ହେଲେ ଆଜି ରାହୁଲ ଗାନ୍ଧି ବଦନାୱାରରେ କରୁଥିବା ନ୍ୟାୟ ଯାତ୍ରାରେ ସେ କିମ୍ବା ତାଙ୍କ ବାପାଙ୍କ ସମେତ ଛିନ୍ଦୱାରାର ସମସ୍ତ ୭ ବିଧାୟକ ଯୋଗ ଦେଇ ନେହାନ୍ତି ।

## ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ଧରିବେ ଶଙ୍ଖ ! ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହେବେ




ଭୁବନେଶ୍ୱର, (ପି.ଏନ): ଆଗକୁ ରାଜ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନ ହେବାର ଅଛି । ନିର୍ବାଚନ ପାଇଁ ଆଉ ମାତ୍ର କିଛି ମାସ ବାକି ଥିବାବେଳେ ରାଜନୈତିକ ଦଳମାନେ ସେନେଇ ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି । ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ରାଜନେତାଙ୍କର ଦଳ ବଦଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ନିକଟରେ ବିଭିନ୍ନ ଦଳର କିଛି ନେତା ଅନ୍ୟ ଦଳରେ ସାମିଲ ହୋଇଥିବା ବେଳେ ଆଗକୁ ଏହି ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି ।ତେବେ ରାଜ୍ୟରେ ପୁଣି ଥରେ ବିଜେଡି-ବିଜେପି ମେଣ୍ଟ ହେବା ନେଇ ବଡ ଚର୍ଚ୍ଚା ହେଉଥିବା ବେଳେ ଏହା ମଧ୍ୟରେ ରାଜନୈତିକ ମହଲରୁ ଆସିଛି ଏକ ବଡ ଖବର । ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଆଜି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହେବେ ବୋଲି କୁହାଯାଉଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅରବିନ୍ଦ ଶଙ୍ଖ ଧରିବେ ବୋଲି କୁହାଯାଉଛି ।ଗତ ୨୦୧୯ ନିର୍ବାଚନ ପରଠାରୁ ବିଜୟ ରାଜନୀତିଠାରୁ ନିଜକୁ ଏକପ୍ରକାର ଦୂରେଇ ରଖିଥିବା ବେଳେ ଗତ ଦୁଇ ବର୍ଷ ଧରି ଅରବିନ୍ଦ ପାଟକୁରା ନିର୍ବାଚନ ମଣ୍ଡଳୀରେ ସକ୍ରିୟ ରହିଥିବା ଦେଖାଯାଇଥିଲା । ନିଜର ଭବିଷ୍ୟତର ରାଜନୀତିକୁ ନେଇ ସେ ଆଗକୁ ସ୍ପଷ୍ଟ କରିବେ ବୋଲି ଅରବିନ୍ଦ ବହୁବାର ଗଣମାଧ୍ୟମକୁ ସୂଚନା ଦେଇଥିଲେ । ତେଣୁ ସେ ବିଜେଡିରେ ସାମିଲ ହେବା ନେଇ ପୂର୍ବରୁ ଚର୍ଚ୍ଚା ହୋଇଥିଲା । ତେବେ ଏହି ମିଶ୍ରଣ ପର୍ବରେ କେନ୍ଦ୍ରାପଡା ଜିଲ୍ଲାର ନେତା, ବିଧାୟକ ଓ ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ ନବୀନ ନିବାସରେ ଉପସ୍ଥିତ ରହିବାକୁ କୁହାଯାଇଛି ।






Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray